୬ କିମ୍ବଦନ୍ତୀ ଦ୍ରୁତ ଧାବକ ଉସେନ ବୋଲ୍ଟ ହେଲେ ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡ଼ର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୯ ● ୨୬ ଅପ୍ରେଲ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-89 ● 26th April 2024, Friday ● Bhubaneswar

Licensed to post without pre-payment of postage No- BN-60/22-24


# ଭାରତରେ ହେଉଛି ବିଶ୍ୱର ସବୁଠାରୁ ମହଙ୍ଗା ନିର୍ବାଚନ

**ନୂଆଦିଲ୍ଲୀ, ୨୫।୪**

୨୦୨୪ ଲୋକସଭା ନିର୍ବାଚନ ପୂର୍ବ ରେକର୍ଡ ଭାଙ୍ଗିବ ଏବଂ ବିଶ୍ୱର ସବୁଠାରୁ ମହଙ୍ଗା ନିର୍ବାଚନ ଇଭେଣ୍ଟ ହେବାକୁ ଯାଉଛି। ଏନଜିଓ ସେଣ୍ଟର ଫର ମିଡିଆ ଷ୍ଟଡିଜ (ସିଏମଏସ) ଦାବି କରିଛି ଯେ, ଏହି ଲୋକସଭା ନିର୍ବାଚନରେ ଆନୁମାନିକ ବ୍ୟୟ ୧.୩୫ ଲକ୍ଷ କୋଟିରେ ପହଞ୍ଚିବ। ଏହି ପରିମାଣ ୨୦୧୯ ନିର୍ବାଚନରେ ହୋଇଥିବା ଖର୍ଚ୍ଚର ଦୁଇଗୁଣରୁ ଅଧିକ। ତେବେ ସାଧାରଣ ନିର୍ବାଚନରେ ପ୍ରାୟ ୬୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସିଏମଏସ ୩୫ ବର୍ଷ ଧରି ନିର୍ବାଚନ ଖର୍ଚ୍ଚ ଉପରେ ନଜର ରଖିଛି। ଅନୁଷ୍ଠାନର ସଭାପତି ଏନ ଭାସ୍କର ରାଓ କହିଛନ୍ତି ଯେ, ଏହି ବ୍ୟାପକ ଖର୍ଚ୍ଚରେ ରାଜନୈତିକ ଦଳ ତଥା ସଂଗଠନ, ପ୍ରାର୍ଥୀ, ସରକାର ଏବଂ ନିର୍ବାଚନ ଆୟୋଗ ସମେତ ନିର୍ବାଚନ ସହ ଜଡିତ ସମସ୍ତ



ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଖର୍ଚ୍ଚ ଅନ୍ତର୍ଭୁକ୍ତ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା କ୍ରମାଗତ ତୃତୀୟ ଥର କ୍ଷମତା ହାସଲ କରିବାକୁ ଦୌଡ଼ରେ ଅଛି। ଏକ ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ଏକ ସାକ୍ଷାତକାରରେ ଶ୍ରୀ ରାଓ କହିଛନ୍ତି ଯେ ସେ ପ୍ରାରମ୍ଭିକ ଖର୍ଚ୍ଚ ଆକଳନକୁ ୧.୨ ଲକ୍ଷ କୋଟିରୁ ୧.୩୫ ଲକ୍ଷ କୋଟି ଟଙ୍କାକୁ ସଂଶୋଧନ କରିଛନ୍ତି, ଯେଉଁଥିରେ ନିର୍ବାଚନ ବଣ୍ଡର ଖୁଲାସା ଏବଂ ସମସ୍ତ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ହିସାବ ରହିଛି। ପ୍ରାରମ୍ଭରେ ଆମେ ଏହି ଖର୍ଚ୍ଚ ୧.୨ ଲକ୍ଷ କୋଟି ବୋଲି ଆକଳନ କରିଥିଲୁ। ତେବେ ନିର୍ବାଚନ ବଣ୍ଡ ଅଂଶଧନ ପ୍ରକାଶ ପାଇବା ପରେ ଆମେ ଏହି ସଂଖ୍ୟାକୁ ୧.୩୫ ଲକ୍ଷ କୋଟି ଟଙ୍କାକୁ ସଂଶୋଧନ କରିଛୁ।

କୁହାଯାଇଥିଲା ଯେ ଏହି ଆକଳନ ଭୋଟ ତାରିଖ ଘୋଷଣା ପୂର୍ବରୁ ୩-୪ମାସ ପୂର୍ବରୁ ହୋଇଥିବା ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରେ। ଶ୍ରୀ ରାଓ ଗୁରୁତ୍ୱାରୋପ କରିଛନ୍ତି ଯେ ନିର୍ବାଚନ ବଣ୍ଡ ବାହାରେ ବିଭିନ୍ନ ଉପାୟ ମାଧ୍ୟମରେ ଟଙ୍କା ଏହି ପ୍ରକ୍ରିୟାରେ ଆସିଛି। ସୋସାଇଟି ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣଗୁଡ଼ିକ ଭାରତରେ ରାଜନୈତିକ ପାଣ୍ଠିରେ ଏକ ସ୍ୱଚ୍ଛତାର ଅଭାବ ପ୍ରକାଶ କରିଛି। ଏହା ଦାବି କରିଛି ଯେ ୨୦୦୪-୦୫ରୁ ୨୦୨୨-୨୩ ପର୍ଯ୍ୟନ୍ତ ଦେଶର ୬ଟି ପ୍ରମୁଖ ରାଜନୈତିକ ଦଳ ପାଇଁ ପ୍ରାୟ ୬୦ ପ୍ରତିଶତ ଅବଦାନ, ମୋଟ ୧୯,୦୮୩ କୋଟି ଟଙ୍କା, ନିର୍ବାଚନ ବଣ୍ଡରୁ ପ୍ରାପ୍ତ ଟଙ୍କା ସମେତ ଅଜ୍ଞାତ ଉତ୍ସରୁ ଆସିଛି। *(ପୃଷ୍ଠା ୭ରେ)*

# ଲୋକଙ୍କ ଅଭିଯୋଗର ଶୀଘ୍ର ସମାଧାନ ନବୀନଙ୍କ ଗ୍ୟାରେଣ୍ଟି : କାର୍ତ୍ତିକ ପାଣ୍ଡିଆନ

**କୋରାପୁଟ, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର କୋରାପୁଟ ଜିଲ୍ଲାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଶ୍ରୀ ପାଣ୍ଡିଆନ୍ ଜିଲ୍ଲାର ପଟାଙ୍ଗୀ ଓ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତି ଲୋକଙ୍କ ଅଭୁତପୂର୍ବ ବିଶ୍ୱାସ ରହିଥିବା ବେଳେ ବିଜୁ ଜନତା ଦଳ ପ୍ରତି ମଧ୍ୟ ଅତୁଟ ବିଶ୍ୱାସ ରହିଛି। ଏହା ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ବୋଲି ସମସ୍ତେ ଜାଣିଥିଲେ ବି ଅନେକ ଲୋକ ଆସି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। କାମ ପୂରଣ ପାଇଁ କହିଥିଲେ। ସେମାନଙ୍କର ଦୃଢ ବିଶ୍ୱାସ ଯେ, ଏହି ସରକାର ହିଁ ପୁଣି ଥରେ ଜିତିବ, ସରକାର ଗଢିବ ଏବଂ ସେମାନଙ୍କ କାମ ମଧ୍ୟ ହେବ। ସେହି ବିଶ୍ୱାସରେ ଆସିଛି ସେମାନଙ୍କର ଅଭିଯୋଗ ପତ୍ର । ସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ, ଜନଶୁଣାଣି ଜନସାଧାରଣଙ୍କ ବିଶ୍ୱାସକୁ ମଜଭୁତ କରିଛି । ଲୋକଙ୍କ ପ୍ରସ୍ତାବର ୭୦ ରୁ ୮୦ ଭାଗ କାମ ୨-୩ ମାସ ମଧ୍ୟରେ ପୂରଣ ହୋଇଛି। ଏହା ନବୀନଙ୍କ ଗ୍ୟାରେଣ୍ଟି ବୋଲି ସେ କହିଥିଲେ।





ଏହା ସହିତ ବିରୋଧୀଙ୍କୁ ନିଜ ଭାଷଣରେ ଶାଣିତ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଉଥିବା ବେଳେ, ଜଣେ କେନ୍ଦ୍ରମନ୍ତ୍ରୀ ଏହାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି । ଏପରିକି ମା'ମାନଙ୍କୁ ଆମେ ଦୁବାଇ ପଠାଉଛୁ ତାଙ୍କୁ ବି ସେମାନେ ସହିପାରୁ ନାହାନ୍ତି। ସେ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ ଜନତା ତାଙ୍କୁ ଉଚିତ ଜବାବ ଦେବେ । ଏଠାରେ ଅନ୍ୟ ଦଳରୁ ଜଣେ ସାଂସଦ ହୋଇଛନ୍ତି । ଗତ ୫ ବର୍ଷ ମଧ୍ୟରେ ସେ କଣ କରିଛନ୍ତି, କେହି ଜାଣନ୍ତି ନାହିଁ ।

ମୁଖ୍ୟମନ୍ତ୍ରୀଙ୍କ ଜୋରଦାର ରୂପାନ୍ତର କାମ ଦେଖି ବିରୋଧୀଙ୍କ ନିଦ ହଜିଯାଇଛି ବୋଲି ମତଦେଇ ସେ କହିଥିଲେ ଯେ ନିର୍ବାଚନ ସମୟରେ ବିରୋଧୀ ଦଳର ନେତାମାନେ ବହୁତ ବଡ ବଡ କଥା କୁହନ୍ତି, ନିର୍ବାଚନ ସରିଗଲେ ଖୋଜିଲେ ବି ମିଳନ୍ତି ନାହିଁ। ଓଡ଼ିଶା ପାଇଁ ସେମାନେ ଗୋଟିଏ ବି କାମ କରିନାହାନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ତେଣୁ ଆପଣମାନେ ଉଭୟ ବିଧାନସଭା ଓ ଲୋକସଭାରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଦୁଇ ଥର ଶଙ୍ଖ ଚିହ୍ନରେ *(ପୃଷ୍ଠା ୭ରେ)*

## ପ୍ରକାଶ ପାଇଲା ଜେଇଇ ମେନ୍ ପରୀକ୍ଷା ଫଳ

**ନୂଆଦିଲ୍ଲୀ, ୨୫।୪**

ଜେଇଇ ମେନ୍ ସେସନ୍-୨ ରେଜଲ୍ଟ ପ୍ରକାଶ ପାଇଛି । ନ୍ୟାସନାଲ ଟେଷ୍ଟ ଏଜେନ୍ସି (ଏନଟିଏ) ସେସନ୍-୨ ଫଳାଫଳ ପ୍ରକାଶ ପାଇଛି । ପରୀକ୍ଷାର୍ଥୀ jeemain.nta.ac.in ଅଫିସିଆଲ ୱେବସାଇଟ ମାଧ୍ୟମରେ ରେଜଲ୍ଟ ଜାଣିପାରିବେ।

ଚଳିତ ବର୍ଷ ଜେଇଇ ମେନ ପରୀକ୍ଷା ଜାନୁଆରୀ ଏବଂ ଏପ୍ରିଲରେ ଦୁଇଟି ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଉଭୟ ସେସନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ସେମାନଙ୍କର ରେଜଲ୍ଟ ଏବଂ ମେରିଟ ଲିଷ୍ଟ ତାଲିକା ପାଇପାରିବେ।

ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୫୬ ଜଣ ଟପ୍ପର ତାଲିକାରେ ସ୍ଥାନ ପାଇଛନ୍ତି। ୫୬ ଜଣ ପରୀକ୍ଷାର୍ଥୀ ଏନଟିଏର ଶହେ ପ୍ରତିଶତ ସ୍କୋର ହାସଲ କରିଛନ୍ତି । ଏହି ତାଲିକାରେ ଓଡ଼ିଶାର ଜଣେ ବି ଛାତ୍ରଛାତ୍ରୀ ନାହାନ୍ତି । ଅନ୍ୱେଷ ଶୁଭମ ପ୍ରଧାନ ଜେଇଇ ମେନ ଓଡ଼ିଶା ଟପ୍ପର ହୋଇଛନ୍ତି । ଅନ୍ୱେଷ ୯୯.୯୯ ପ୍ରତିଶତ ସ୍କୋର ରଖିଛନ୍ତି। ଜେଇଇ ମେନ ଫଳ ପ୍ରକାଶ ପାଇବା ପରେ ସାରା ଦେଶରୁ ମୋଟ ୨ ଲକ୍ଷ ୫୦ ହଜାର ୨୮୦ ଜଣ ଜେଇଇ ଆଡଭାନ୍ସ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତ ଜେଇଇ ମେନ ପରୀକ୍ଷାରେ ୧୦୦ ପ୍ରତିଶତ ଏନଟିଏ ସ୍କୋର ହୋଇଥିବା ରେକର୍ଡ କରାଯାଇଛି।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଓଡ଼ିଶାରେ ଭାଜପା ସରକାରକୁ ଆସିଲେ ଲୋକେ ରୋଜଗାର ପାଇଁ ବାହାର ରାଜ୍ୟକୁ ଯିବେ ନାହିଁ: ଅମିତ ଶାହା

**ସୋନପୁର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ବିଜେପି ପାଇଁ ରାଜ୍ୟରେ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିଛନ୍ତି। ସୋନପୁର ଠାରେ ଆୟୋଜିତ ଦଳୀୟ ସମାବେଶରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟର ବିକାଶ ହୋଇପାରିନଥିବା ନେଇ କେନ୍ଦ୍ରମନ୍ତ୍ରୀ ବର୍ତ୍ତମାନର ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି।

ଶ୍ରୀ ଶାହା କହିଛନ୍ତି ଯେ, ସାରା ଦେଶରେ ଲୋକସଭାର ନିର୍ବାଚନ ଚାଲୁଛି ଏବଂ ପୂରା ଦେଶରେ ମୋଦି-ମୋଦି ନାରା ଗୁଞ୍ଜରିତ ହେଉଛି । ଦେଶର ଲୋକେ ଆଦରଣୀୟ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ପାଇଁ ଭୋଟ୍ କରୁଛନ୍ତି।





ଓଡ଼ିଶାର ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଓଡ଼ିଶାର ଭାଷା, ସଂସ୍କୃତି, ଧର୍ମ ଓ ସାହିତ୍ୟର ଗୌରବ ପାଇଁ ମଧ୍ୟ ପୂର୍ଣ୍ଣ ବହୁମତ ସହିତ ଭାରତୀୟ ଜନତା ପାର୍ଟିର ସରକାର ଗଠନ ପାଇଁ ଭୋଟ୍ କରିବେ। ଯିଏ ନିଜ ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ କରେନାହିଁ, ସିଏ ରାଜ୍ୟକୁ ଆଗକୁ ନେଇପାରିବ ନାହିଁ। ଓଡ଼ିଶା ସରକାର ରାଜ୍ୟକୁ ବିକାଶ ଠାରୁ ଦୂରେଇ ରଖିଛନ୍ତି ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ଯେଉଁ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଅଛି, ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକାଶର ଗଙ୍ଗା ପ୍ରବାହିତ ହେଉଛି, କିନ୍ତୁ ସବୁଠୁ ଅଧିକ ଖଣିଜ ସଂପଦ ଓ ପାଣିର ବୈଭବ ହେବା ସତ୍ତ୍ୱେ ବି ଓଡ଼ିଶାରେ *(ପୃଷ୍ଠା ୭ରେ)*

# ଆଜି ୧୩ ରାଜ୍ୟର ୮୯ ଆସନରେ ହେବ ଭୋଟ୍

**ନୂଆଦିଲ୍ଲୀ, ୨୫।୪**

ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୩ ରାଜ୍ୟର ୮୯ ଆସନରେ ମତଦାନ ହେବ। ୧୨୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ମଇଦାନରେ ୧୦୦ ମହିଳା ପ୍ରାର୍ଥୀ ଥିବାବେଳେ ୩୯୦ କୋଟିପତି ପ୍ରାର୍ଥୀ ରହିଛନ୍ତି । ସାରା ଦେଶବାସୀଙ୍କ ନଜର ରହିଛି କେରଳ ୱାୟନାଡ ଉପରେ। ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେଠାରେ ଇଣ୍ଡିଆ ମେଣ୍ଟ ବିଫଳ ହୋଇଥିବାରୁ ରାହୁଲ ସଙ୍କଟର ସମ୍ମୁଖୀନ ହୋଇପାରନ୍ତି । ଆସାମର ୫ ଲୋକସଭା ଆସନ, ବିହାରର ୫, ଛତିଶଗଡ଼ ୩, କର୍ଣ୍ଣାଟକର ୧୪, କେରଳର ୨୦, ମଧ୍ୟପ୍ରଦେଶର ୭, ମହାରାଷ୍ଟ୍ରର ୮, ଉତ୍ତରପ୍ରଦେଶର ୮, ରାଜସ୍ଥାନର ୧୩, ପଶ୍ଚିମବଙ୍ଗର ୩ ସହ ତ୍ରିପୁରା, ମଣିପୁର ଓ ଜମ୍ମୁ-କଶ୍ମୀର ଗୋଟିଏ ଲେଖାଏଁ ଆସନରେ ଭୋଟ ଗ୍ରହଣ ହେବ। କଂଗ୍ରେସ ନେତା କେ.ସି. ଭେନୁଗୋପାଲ, ତାରିକ ଅନୱାର, ଶଶୀ ଥରୁରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଏକେ ଆଣ୍ଟୋନିଙ୍କ ପୁଅ ଅନୀଲ ଆଣ୍ଟୋନି, ଅଶୋକ ଗେହଲଟଙ୍କ ପୁଅ ବୈଭବ ପଟେଲ, ବସୁନ୍ଧରା ରାଜେଙ୍କ ପୁଅ ଦୁଷ୍ମନ୍ତ ସିଂ, ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ.ଡି.କୁମାରସ୍ୱାମୀ, ଭୂପେଶ ବଘେଲ ବି ରହିଛନ୍ତି । ମଇଦାନରେ ଅଭିନେତ୍ରୀ ହେମାମାଳିନୀ, ଅରୁଣ ଗୋଭିଲଙ୍କର ବି ହେବ ଭାଗ୍ୟ ପରୀକ୍ଷା। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପରେ ରାଜସ୍ଥାନ ଏବଂ କେରଳରେ ଭୋଟଗ୍ରହଣ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯିବ। ଏପ୍ରିଲ ୧୯ରେ ରାଜସ୍ଥାନର ୧୨ ଲୋକସଭା ଆସନ ଲାଗି ଭୋଟଗ୍ରହଣ ହୋଇଥିଲା।



# ବାର୍ଡ ଫ୍ଲୁ' ଚିହ୍ନଟ ହେବାପରେ ଅନେକ କୁକୁଡ଼ା ଓ ଅଣ୍ଡାକୁ ନଷ୍ଟ କରାଯାଉଛି



**ରାଞ୍ଚି, ୨୫।୪**

ଝାଡ଼ଖଣ୍ଡରେ ବାର୍ଡ ଫ୍ଲୁ' ବ୍ୟାପକ ଭାବରେ ବ୍ୟାପି ଚାଲିଛି। ଏଥିପାଇଁ ରାଞ୍ଚିରେ ଏକ ସତର୍କ ସୂଚନା ଜାରି କରାଯାଇଛି। ବାର୍ଡ ଫ୍ଲୁ ବିପଦକୁ ଦେଖି ଏପର୍ଯ୍ୟନ୍ତ ୪୦୦୦ରୁ ଅଧିକ ପକ୍ଷୀଙ୍କୁ ମାରି ଦିଆଯାଇଛି।

ସୂଚନାଯୋଗ୍ୟ, ରାଞ୍ଚିରେ ଥିବା ଏକ ସରକାରୀ କୁକୁଡ଼ା ଫାର୍ମରେ ବାର୍ଡ ଫ୍ଲୁ'ର ଅନେକ ଘଟଣା ସାମ୍ନାକୁ ଆସିବା ପରେ ଝାଡ଼ଖଣ୍ଡ ସରକାର ସତର୍କ ସୂଚନା ଜାରି କରିଛନ୍ତି। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରାଞ୍ଚିର ହୋଟାରରେ ଥିବା *(ପୃଷ୍ଠା ୭ରେ)*

# ହୋଟେଲରେ ନିଆଁ ଲାଗି ୬ ମୃତ, ୧୨ ଆଇସିୟୁରେ ଭର୍ତ୍ତି

**ପାଟନା, ୨୫।୪**

ଗୁରୁବାର ପାଟନାରେ ଥିବା ଏକ ହୋଟେଲରେ ନିଆଁ ଲାଗିବାରୁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ଏହି ଭୟଙ୍କର ଦୁର୍ଘଟଣାରେ ପାଟନା ସିଟି ଏସ୍‌ପି ଚନ୍ଦ୍ର ପ୍ରକାଶ ୬ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି। ମୃତକଙ୍କ ମଧ୍ୟରେ ତିନିଜଣ ମହିଳା ଏବଂ ତିନି ଜଣ ପୁରୁଷ ଅଛନ୍ତି । ପାଟନା ଥାନା ନିକଟ ପାଲ ହୋଟେଲ କମ ରେଷ୍ଟୁରାଣ୍ଟରେ ଏହି ନିଆଁ ଲାଗିଛି । ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁ ଏହା ଘଟିଛି ବୋଲି କୁହାଯାଉଛି। ପୋଲିସର ସୂଚନାନୁସାରେ, ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସା ସମୟରେ ୪ ଜଣଙ୍କର ମୃତ୍ୟୁ ଘଟିଛି।





ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀକୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ନିଆଁ ଲିଭାଇବା ପାଇଁ ଦୀର୍ଘଘଣ୍ଟା ସମୟ ଲାଗିଥିଲା। ଘଟଣା ପରେ ଡିଜି ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରାଯାଇଥିବା ସେ କହିଛନ୍ତି । *(ପୃଷ୍ଠା ୭ରେ)*

## ଏବେ ହ୍ୱାଟ୍ସଆପ୍‌ରେ ମିଳିବ କୋର୍ଟରେ ଚାଲିଥିବା ମାମଲା ସମ୍ପର୍କିତ ସୂଚନା

**ନୂଆଦିଲ୍ଲୀ, ୨୫।୪**

ଡିଜିଟାଇଜେସନ ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି ସୁପ୍ରିମକୋର୍ଟ । ଏବେ ଓକିଲ ଓ ଆବେଦନକାରୀମାନେ ମଧ୍ୟ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସେମାନଙ୍କ ମାମଲାର ଅପଡେଟ ହ୍ୱାଟ୍ସଆପରେ ପାଇପାରିବେ। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଗୁରୁବାର ଏହି ଘୋଷଣା କରି କହିଛନ୍ତି ଯେ ସୁପ୍ରିମକୋର୍ଟ ହ୍ୱାଟ୍ସଆପ ମେସେଜ ଜରିଆରେ ଓକିଲମାନଙ୍କୁ କାରଣ ତାଲିକା, ମାମଲା ଦାୟର ଏବଂ ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ବିଷୟରେ ଅବଗତ କରାଇବେ।

ହ୍ୱାଟ୍ସଆପ ମେସେଜିଂ ସେବାକୁ ଆଇଟି ସେବା ସହ ମିଶାଇ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ମଇଦାନେ ଗର୍ଜନ୍ତି ଭୟଙ୍କର ଭାବେ
ଏବେ ସବୁ ହେଭିୱେଟ୍
ଖୋଲାଖୋଲି ତଡାତଡି ପୁରା
ଲଗାନ୍ତି ବିକାଶ ବେଟ୍
ଭୋଟର ଘରର ଗେଟ୍
ଖୋଲିବାକୁ ଭାରି ତତ୍ପର
ହାତେଇବାକୁ ଗୋଟେ ସିଟ୍।

# ନିର୍ବାଚନରେ ପ୍ରାର୍ଥୀ ହୋଇ ନପାରିବାର ଦୁଃଖ କହିଲେ ନସରେ

**ଭୁବନେଶ୍ୱର, ୨୫।୪:ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନର ସମ୍ମୁଖ ଯୁଦ୍ଧରେ ଲଢ଼ି ହାରିଯିବା ଅପେକ୍ଷା ପ୍ରାର୍ଥୀ ନ ହେବାର ଦୁଃଖ କହିଲେ ନସରେ। ଦଳୀୟ ଟିକେଟ୍ ନପାଇବା ଯୋଗୁ ଏଥର ନିର୍ବାଚନ ଲଢ଼ିବାର ସୁଯୋଗ ହରାଇଥିବା ନେତାମାନଙ୍କ ମାନସିକ ଅବସ୍ଥା ଆଦୌ ଭଲ ନାହିଁ। କ୍ଷୋଭଯୁକ୍ତ କୋହ ଆଉ ଆଖିର ଲୁହ ସ୍ପଷ୍ଟ ବାରି ହୋଇଯାଉଛି ସେମାନଙ୍କର। ହୃଦୟ ବିଦାରି ହୋଇଯାଉଛି। କାହିଁକି ନା ଦଳ ପାଇଁ, ନେତୃତ୍ୱ (ସଭାପତି) ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାର ସହ କାମ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ମିଳିଲା ନାହିଁ। ଶେଷ ମୁହୂର୍ତ୍ତରେ ଟିକେଟ୍ କଟିଗଲା ବା କାଟିଦିଆଗଲା। ଯାହା ଫଳରେ କି ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବାକୁ ସେମାନଙ୍କ ପାଇଁ ଆଉ କୌଣସି ସୁଯୋଗ ରହିଲା ନାହିଁ। ଏହି ଚିନ୍ତାରେ ଘାରି ହୋଇ ସେମାନେ ଏବେ ବିବ୍ରତ ଅବସ୍ଥାରେ ପହଞ୍ଚିଲେଣି।


ଏବେ ଓଡ଼ିଶା ସମେତ ସାରା ଦେଶରେ ନିର୍ବାଚନୀ ହାୱା ବହୁଛି। କେତେ ରାଜ୍ୟରେ ବିଧାନସଭା ନିର୍ବାଚନ ହେଉଥିବା ବେଳେ ସାରା ଦେଶରେ ଲୋକସଭା ପାଇଁ ନିର୍ବାଚନ ଏକକାଳୀନ ହେଉଛି। ଯାହାକୁ ଭାରତବର୍ଷର ସବୁଠାରୁ ବଡ ଓ ମହାନ ପର୍ବ ବୋଲି ବିବେଚନା କରାଯାଉଛି। ଓଡ଼ିଶା ପ୍ରସଙ୍ଗରେ କହିବାକୁ ଗଲେ ୨୦୨୪ ସାଧାରଣ ନିର୍ବାଚନ ସବୁ ଦଳ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି। ପ୍ରତ୍ୟେକ ଦଳରେ ବିଧାନସଭା ଓ ଲୋକସଭା ଆସନ ଗୁଡିକ ପାଇଁ ଯେଉଁମାନଙ୍କୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ସୁଯୋଗ ମିଳିଛି ସେମାନେ ସମସ୍ତେ ପୁରା ଦମ୍‌ରେ କୋଉ ପ୍ରକାରେ ଭୋଟରଙ୍କ ହୃଦୟ ଜିତିପାରିବେ ସେଥିପାଇଁ ଲାଗି ପଡିଲେଣି। ହେଲେ ଆଉ ଯେଉଁମାନେ ନିର୍ବାଚନ ଲଢିବାକୁ ଟିକେଟ୍ ପାଇବାରୁ ବଞ୍ଚିତ ହେଲେ ସେମାନଙ୍କ କଥା ପଚାରେ କିଏ? ସେମାନେ ଯେ ଏବେ କେଉଁ ଅବସ୍ଥାରେ କ'ଣ କରୁଛନ୍ତି ସେ କଥା ବୁଝୁଛି କିଏ? ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡ଼ି, ବିଜେପି ଓ କଂଗ୍ରେସରେ ଏହି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯେଉଁମାନେ ଏଥର ସମସ୍ତ ଉଦ୍ୟମ ସତ୍ତ୍ୱେ ପ୍ରାର୍ଥୀ ହୋଇପାରିନାହାନ୍ତି ସେମାନେ ଆଗକୁ କ'ଣ କରିବେ ସେ ନେଇ ଚିନ୍ତାରେ ଘାରି ହେଉଥିବା ବେଳେ ନିର୍ବାଚନ ପ୍ରଚାରର କୋଳାହଳପୂର୍ଣ୍ଣ ଉଷ୍ମ ବାତାବରଣ ଭିତରେ ପ୍ରାର୍ଥୀ ହୋଇପାରି ନଥିବା ନେତା ବା ଆଶାୟୀଙ୍କ ସ୍ୱର ଆଉ ଶୁଣାଯାଉ ନାହିଁ। ଆଗକୁ ବି ଏହି ସ୍ୱର ଆଉ ଶୁଭିବକି ନାହିଁ ସନ୍ଦେହ ରହିଛି। ଶାସକ ଦଳ ବିଜେଡ଼ିରେ କେବଳ ଏଥର ୩୦ରୁ ଊର୍ଦ୍ଧ୍ୱ ବିଧାୟକଙ୍କୁ ନିର୍ବାଚନ ଲଢିବାକୁ ସୁଯୋଗ ଦିଆଯାଇ ନାହିଁ। ଅର୍ଥାତ୍ *(ପୃଷ୍ଠା ୭ରେ)*

# ଭୟଙ୍କର ଗ୍ରୀଷ୍ମ ପ୍ରବାହ, ୪୫ ଡିଗ୍ରୀ ପାର କରିବ ତାତି !

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଅସମ୍ଭାଳ ହେଉଛି ତାତି । ଆଗକୁ ଆହୁରି ବଢ଼ିବ। ଭୟଙ୍କର ରୂପ ଧାରଣ କରିବ ତାତି। ଅସ୍ତବ୍ୟସ୍ତ କରିବ ଜୀବନ ଯାତ୍ରା। ଗୁରୁବାର ପରି ଆଗାମୀ ୪ ଦିନ ଘାଣ୍ଟିବ ତାତି । ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ତେବେ ଶୁକ୍ରବାର ଓ ଶନିବାର ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଆଗାମୀ ଦୁଇ ଦିନ ତାପମାତ୍ରା ୪୫ ଡିଗ୍ରୀ ପାର କରିବ ବୋଲି ଅନୁମାନ କରାଯାଉଛି।

ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର,



ଢେଙ୍କାନାଳ, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବ। ସେଥିପାଇଁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, ରାୟଗଡ଼ା, କନ୍ଧମାଳ, ସୋନପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, *(ପୃଷ୍ଠା ୭ରେ)*

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତ ପାଇଁ ସବୁଠୁ ବଡ଼ ଭୁଲ

ଦେଶରେ ଥିବା ଢାଞ୍ଚାଗତ ସମସ୍ୟାର ସମାଧାନ କରିବା ବଦଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ହେଉଥିବା ପ୍ରଚାର ଉପରେ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି। ମୋଦୀ ସରକାରଙ୍କ ନୀତିକୁ ସମାଲୋଚନା କରିବାର ସୁଯୋଗ ହାତଛଡ଼ା କରୁନଥିବା ରାଜନ କହିଛନ୍ତି ଯେ ବହୁ ବର୍ଷର କଠିନ ପରିଶ୍ରମ ପରେ ଏହି ପ୍ରଚାର ସତ ହୋଇଛି। ମାତ୍ର ରାଜନେତାମାନେ ଏହି ବିଶ୍ୱାସ ଦେବାକୁ ଚାହୁଁଛନ୍ତି ଯେ ଆମେ ଆସି ଠିକ୍ ଜାଗାରେ ପହଞ୍ଚିଯାଇଛନ୍ତି। ତେବେ ସେହି ପ୍ରଚାର ଉପରେ ବିଶ୍ୱାସ କରିବା ଭାରତ ପାଇଁ ସବୁଠୁ ବଡ଼ ଭୁଲ ହେବ ବୋଲି ସେ କହିଛନ୍ତି।ରାଜନଙ୍କ ମତରେ ନିର୍ବାଚନ ପରେ ଗଠନ ହେବାକୁ ଥିବା ନୂଆ ସରକାରଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଉଛି ଶିକ୍ଷା ଓ ଦକ୍ଷତା ବିକାଶରେ ଉନ୍ନତି ଆଣିବା। ତାହା ନକଲେ ଜନସଂଖ୍ୟାରେ ଥିବା ଯୁବବର୍ଗର ଲାଭକୁ ଭାରତ ହାସଲ କରିପାରିବ ନାହିଁ।

ଭାରତର ୧୪୪ କୋଟି ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକଙ୍କ ବୟସ ୩୦ ବର୍ଷରୁ କମ୍ ରହିଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଆକାଂକ୍ଷା ରହିଛି ସେ ସମ୍ପର୍କରେ ରାଜନ କହିଛନ୍ତି ଯେ ଯେଉଁଠାରେ ଦେଶର ଅଧିକାଂଶ ପିଲା ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ିପାରୁନାହାନ୍ତି ଏବଂ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ଏତେ ଅଧିକ ରହିଛି, ସେଠାରେ ଏଭଳି ଆକାଂକ୍ଷା ଅତ୍ୟନ୍ତ ବାଜେ କଥା। ଆମ ପାଖରେ ବହୁ ସଂଖ୍ୟାରେ ଯୁବକଯୁବତୀ ରହିଛନ୍ତି। ଯଦି ସେମାନଙ୍କୁ ନିଯୁକ୍ତି ମିଳିବ ତେବେ ତାହାର ଲାଭ ଅର୍ଥନୀତିକୁ ମିଳିବ। ଏହା ନହେବା ଆମ ପାଇଁ ସବୁଠୁ ବଡ଼ ଦୁଃଖର ବିଷୟ। ଭାରତକୁ ପ୍ରଥମେ ଶ୍ରମ ଶକ୍ତିକୁ ନିଯୁକ୍ତି ପାଇବା ଲାଗି ଯୋଗ୍ୟ କରିବାକୁ ପଡ଼ିବ ଏବଂ ପରେ ସେମାନଙ୍କ ଲାଗି ନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ ବୋଲି ରାଜନ କହିଛନ୍ତି। ଭାରତୀୟ ସ୍କୁଲରେ ଶିକ୍ଷାର ମାନରେ ଅବନତି ଘଟିଛି। ୨୦୧୨ ପୂର୍ବ ସମୟ ଭଳି ସ୍ଥିତି ଫେରି ଆସିଛି। ସାକ୍ଷରତା ହାରରେ ଭିଏତନାମ୍ଠାରୁ ଭାରତ ପଛରେ ରହିଛି। ଶିକ୍ଷାରେ ଅଧିକ ବ୍ୟୟ କରିବା ବଦଳରେ ଚିପ୍ ନିର୍ମାଣ ଲାଗି ସବ୍‌ସିଡି ଆକାରରେ ଅଧିକ ପାଣ୍ଠି ଦେବା ପାଇଁ ସରକାର ଯେଉଁ ନୀତି ପ୍ରସ୍ତୁତ କରିଛନ୍ତି ତାହା ବିଭ୍ରାନ୍ତୀକରଣ ବୋଲି ସେ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ପା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଫୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ପ ବ୍ୟ୍ପ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ପା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ପ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୪



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଶରୀର ମନ ମୋର ଯେତିକି ପୁଲକିତ ହୋଇଥାଏ, ତାହାଠାରୁ ମୋର ଚେତନା ଦିଗନ୍ତ ବିସ୍ତାରୀ ହୋଇଯାଉଥାଏ ଯାହା ଆଜିବି ମୋ ମନରେ ଜୀବନ୍ତ ହୋଇ ରହିଯାଇଛି। ମୁଁ ଆଉ ସେଠାରେ ଗୋଟିଏ କ୍ଷଣ ରହିବା ପାଇଁ ଉଚିତ୍ ମନେ କରୁନଥାଏ। ଭରତ ମୋତେ କହିଲେ 'ହନୁମାନ ! ତୁମେ ଆଉ ଗୋଟିଏ ମୁହୂର୍ତ୍ତ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ତୁମେ ମୋ ବଡଭାଇ ଶ୍ରୀରାମଙ୍କ ନିକଟରେ ପହଞ୍ଚିଯାଅ। ଭାଉଜ ମୋର ଅଧିର ହୋଇ କାନ୍ଦୁଥିବେ। ମୁଁ ଏପରି ଏକ ଶକ୍ତି ପ୍ରଦାନ କରୁଛି ଯେଉଁ ଶକ୍ତିର ପ୍ରଭାବ ଦ୍ୱାରା ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ଲଙ୍କାରେ ପହଞ୍ଚିଯିବ। ତୁମେ ପହଞ୍ଚିବା ପରେ ମଧ୍ୟ ଆହୁରି ଅନେକ ରାତି ରହିଥିବା କାରଣ ଆଜିର ରାତି ଏକ ବିଚିତ୍ର ସଂଯୋଗ ରଚନା କରିଛି। ' ଭରତ ପ୍ରଦାନ କରିଥିବା ଶକ୍ତି ଦ୍ୱାରା ସତକୁ ସତ ମହାକାଶରେ ମୋର ବେଗ ବଡ ଅଦ୍‌ଭୁତ ଭାବେ ବଢ଼ିଯାଉଥାଏ। କେତେ ନିବିଡ ଅରଣ୍ୟ କେତେ ଖରସ୍ରୋତା ନଦୀ ମୋ ଚକ୍ଷୁରେ ଉଦ୍‌ଭାସିତ ହୋଇ ବଡ ବିଚିତ୍ର ବର୍ଣ୍ଣବିଭା ସୃଷ୍ଟିକରି ଚାଲିଥାଏ। ହୃଦୟ ଭିତରେ ଜୟ ଶ୍ରୀରାମ, ଜୟ ଶ୍ରୀରାମ ଧ୍ୱନି ଆପଣାଛାଏଁ ନିର୍ଗତ ହୋଇଯାଇଥାଏ ଅମୃତ ବର୍ଷା ପରି। ଅତ୍ୟନ୍ତ ସ୍ୱଳ୍ପ ସମୟ ମଧ୍ୟରେ ମୁଁ ଅବତରଣ କଲି ଲଙ୍କାର ରଣକ୍ଷେତ୍ର ମଧ୍ୟରେ। ଗନ୍ଧମାର୍ଦ୍ଦନ ପର୍ବତରୁ ସଞ୍ଜିବନୀ ବିଶାଳ ଶିଳାଖଣ୍ଡକୁ ବୈଦ୍ୟରାଜ ସୁଶେଣଙ୍କ ସମ୍ମୁଖରେ ରଖି ଅତି ଆନନ୍ଦମନରେ ମୋର ପ୍ରଭୁ ଶ୍ରୀରାମଙ୍କ ପାଦତଳେ ପ୍ରଣାମ କଲି। ସେହି ସମୟରେ ହଜାର ହଜାର କପି ସୈନ୍ୟଙ୍କ ସମେତ ସୁଗ୍ରୀମ, ବିଭିଷଣ, ଜାମ୍ବବାନ୍ ପ୍ରଭୃତି ଜୟ ଶ୍ରୀରାମଙ୍କର ଜୟ ଜୟ କାର ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ କରୁଥାନ୍ତି। ସୁଶେଣ ସେହି ବିଶାଳ ଶିଳାଖଣ୍ଡ ମଧ୍ୟରୁ ବିଶଲ୍ୟକରଣୀ ଗୁଳ୍ମକୁ ଆଣି ତାକୁ ଗୋଟିଏ ପଥରରେ ଛେଚି ସଞ୍ଜିବନୀର ରସକୁ ଲକ୍ଷ୍ମଣଙ୍କର କ୍ଷତରେ ପ୍ରଲେପଦେଲେ ଏବଂ ଲକ୍ଷ୍ମଣ ସଙ୍ଗେ ସଙ୍ଗେ ମହାନିଦ୍ରାରୁ ଉଠିବା ଭଳି ବସି ପଡିଲେ। ତତ୍‌ପରେ ଏତେ ଦୀର୍ଘ ଶ୍ୱାସ ତାଙ୍କ ମୁଖମଣ୍ଡଳରୁ ଆସୁଥାଏ ଯେ ଯେପରି ଶହ ଶହ ବର୍ଷ ଧରି ଶୟନ କରିନଥିବା ଲୋକ ଶୟନ କରିବା ପରେ ଯେପରି ନିଦ୍ରାରୁ ଉଠିଲେ ଯେଉଁ ଲକ୍ଷଣ ଗୁଡାକ ସବୁ ପ୍ରକାଶ କରେ, ଠିକ୍ ସେହିଭଳି ଦୃଶ୍ୟମାନ ହେଉଥାନ୍ତି ଲକ୍ଷ୍ମଣ। ସମସ୍ତେ ଲକ୍ଷ୍ମଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥାନ୍ତି। ଶ୍ରୀରାମ ତାଙ୍କ କୋମଳ ହସ୍ତରେ ଲକ୍ଷ୍ମଣଙ୍କ ଶରୀରକୁ ଆଉଁସି ପକାଉଥାନ୍ତି। ଅତିଆନନ୍ଦରେ ଶ୍ରୀରାମଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଗୁଡାକ ବହିଯାଇ ଲକ୍ଷ୍ମଣଙ୍କ ଶରୀରକୁ ଆର୍ଦ୍ରକରି ପକାଉଥାଏ। ଏହି ଘଟଣା ସମାପ୍ତିର ମାତ୍ର କିଛିଦିନ ପରେ ଲକ୍ଷ୍ମଣ ଇନ୍ଦ୍ରଜିତ୍‌କୁ ଯୁଦ୍ଧଭୂମିରେ ପ୍ରଚଣ୍ଡ ଆକ୍ରମଣ କରି ନିହତ କଲେ। ସେହି ସମୟର ଗୋଟାଏ ବିଚିତ୍ର ଅନୁଭୂତି ବର୍ଣ୍ଣନା କଲେ ସମସ୍ତ ମହର୍ଷିଙ୍କ ସମ୍ମୁଖରେ। ଯାହାକି ବିଶ୍ୱରେ ସବୁଠାରୁ ଅବିସ୍ମରଣୀୟ ବିରଳତମ ଅନୁଭୂତି। ଇନ୍ଦ୍ରଜିତର ପ୍ରକାଣ୍ଡ ଶରୀରର ଶବ ପଡିଛି ରଣକ୍ଷେତ୍ରରେ। ଶବର କକ୍ଷରୁ ଧାରଧାର ହୋଇ ରକ୍ତ ନିର୍ଗତ ହୋଇଯାଉଛି। ଇନ୍ଦ୍ରଜିତର ସମସ୍ତ ସାମରିକ ଶକ୍ତି ବିପନ୍ନ ହୋଇଯାଇଛି। ହଜାର ହଜାର ଅସୁର ସୈନ୍ୟ ନିର୍ବାକ, ନିଷ୍ପଳ ଭାବରେ ଇନ୍ଦ୍ରଜିତର ଶବ ନିକଟରେ ଘେରିଯାଇ ବିକଳରେ କାନ୍ଦୁଥାନ୍ତି। ଆମର ସମସ୍ତ କପି, ଭଲ୍ଲୁକ, ଯକ୍ଷ, ଗନ୍ଧର୍ବମାନେ ଆନନ୍ଦରେ ନର୍ତ୍ତନ କରୁଥାନ୍ତି। ସେଠାରେ ବହୁମହର୍ଷି ଉପସ୍ଥିତ ହୋଇ ଲକ୍ଷ୍ମଣଙ୍କୁ ଗୋଟିଏ ବଡ ବିଚିତ୍ର ପ୍ରଶ୍ନ କଲେ 'ଲକ୍ଷ୍ମଣ ! ଆମ୍ଭେମାନେ ସମସ୍ତେ ଜାଣିଛୁ ଇନ୍ଦ୍ରଜିତ ଜଣେ ବିଶ୍ୱର ପରାକ୍ରମଶାଳୀ ଯୋଦ୍ଧା। ସେ ଏପରି ମହାଶକ୍ତିଶାଳୀ ଯୋଦ୍ଧା ଯେ, ଯାହାକୁ ସେ ଚାହିଁବ ଅକ୍ଳେଶରେ ମାରିଦେବ। ତାକୁ ମାରିଦେବା ମଧ୍ୟ ଅତ୍ୟନ୍ତ ଦୁଃସାଧ୍ୟ, ଭୟାନକ ଓ ଜଟିଳ। ତାକୁ ମାରିବା ପାଇଁ ଏକ ପ୍ରାବଧାନ ରହିଛି। ଇନ୍ଦ୍ରଜିତକୁ ସେହି ମାରିବ ଯିଏ ଚଉଦ ବର୍ଷ ପର୍ଯ୍ୟନ୍ତ ଆହାର, ନିଦ୍ରା, ମୈଥୁନ ତ୍ୟାଗ କରିଥିବ ସେହି ବିଶ୍ୱ ବିଖ୍ୟାତ ଯୋଦ୍ଧାହିଁ କେବଳ ଇନ୍ଦ୍ରଜିତକୁ ନିଧନ କରିବ। ତୁମେ କ'ଣ ତା' ହେଲେ ଦୀର୍ଘ ଚଉଦ ବର୍ଷଧରି ଆହାର, ନିଦ୍ରା, ମୈଥୁନ ପରିତ୍ୟାଗ କରିଛ ଲକ୍ଷ୍ମଣ ?' ସେହିଠାରେ ଲକ୍ଷ୍ମଣ ଉନ୍ମୋଚନ କଲେ ତାଙ୍କ ଜୀବନର ସବୁଠାରୁ ରହସ୍ୟମୟ ଘଟଣା, ଯେଉଁ ପ୍ରସଙ୍ଗକୁ ଶ୍ରବଣ କରି ସମଗ୍ର ସଂସାର ବାସୀ ହତବାକ୍ ହୋଇଯାନ୍ତି। ଲକ୍ଷ୍ମଣ ଅତ୍ୟନ୍ତ ଧୀର, ସ୍ଥିର ଭାବରେ କହିଲେ ସମସ୍ତ ଋଷିମାନଙ୍କୁ 'ହେ ଋଷିଗଣ, ତେବେ ଶୁଣମୋର ଜୀବନ ନାଟକର ଚରମ ରହସ୍ୟ। ଯାହା ମୁଁ ଆଜି ମୁକ୍ତ ମହାକାଶ ତଳେ ଆମ୍ଭ ପ୍ରକାଶ କରୁଛି। ଆଜି ପର୍ଯ୍ୟନ୍ତ ମୋର ଏହି ପ୍ରସଙ୍ଗକୁ କେହି ଜାଣି ନାହାନ୍ତି। ଏପରିକି ମୋର ଅଗ୍ରଜ ଶ୍ରୀରାମ ମଧ୍ୟ ଜାଣନ୍ତି ନାହିଁ। ବାସ୍ତବରେ ମୁଁ ଦୀର୍ଘ ଚଉଦ ବର୍ଷ କାଳ ନିଦ୍ରା ଯାଇନାହିଁ। (କ୍ରମଶଃ)

# ବାସନ୍ତୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଅନୁସୂୟା ପଟ୍ଟନାୟକ
(ଜୁଲି)
(ବଡ ବୋହୂ)

ପୁଣି ସେହି ପୁନରାବୃତ୍ତି... ବାଣୀବିହାରରୁ ଡେରିରେ ଫେରିଥାଏ ଥକ୍କାରେ ଟି.ଭି. ଆଗରେ ବସିପଡ଼ିଥାଏ। ଆଭାସ ପାଇଥାଏ ବାହାଘର ପ୍ରସ୍ତାବର। ଘରେ ସମସ୍ତେ ଖୁସି ଜଣାପଡୁଥାଆନ୍ତି। ବାପା, ଖୁଡ଼ି ହସିହସି ଖୁସିରେ କହୁଥାନ୍ତି କାଲି ଜଗନ୍ନାଥ ପଟ୍ଟନାୟକ ତାଙ୍କର ମିସେସ୍ ସନ୍ଧ୍ୟାରେ ଆସିବେ ।

ମନରେ ଉତ୍କଣ୍ଠା, ମନରେ ଆବେଗ, ଜୀବନର ଏକ ନୂଆମୋଡ଼ର ପ୍ରସ୍ତୁତି ପ୍ରତ୍ୟେକ ନାରୀପାଇଁ ଏକ ଅଭୁଲା ଅନୁଭୂତି। ବାପା, ବୋଉଙ୍କର ସେହି ପ୍ରଥମ ଦେଖା ପ୍ରକୃତରେ ଏକ ନିଆରା ସ୍ମୃତି। ଡର ଡର ଲାଗୁଥାଏ, କ'ଣ ପ୍ରଶ୍ନ ପଚାରିବେ। କ'ଣ କେମିତି କହିବି ? କ'ଣ ଭାବିବେ ପରି ବିଭିନ୍ନ କଥା ମନକୁ ଆନ୍ଦୋଳିତ କରୁଥାଏ। କିନ୍ତୁ ପରୀକ୍ଷାର ପ୍ରଶ୍ନ ଖୁବ୍ ସହଜ ଥିଲା। ଆଶ୍ଚର୍ଯ୍ୟ ଉଭୟ ବାପା, ବୋଉଙ୍କର ଅନାବିଳ ଆନ୍ତରିକତା ସ୍ୱଚ୍ଛ ହୃଦୟର ପରିଭାଷା ମୋତେ ଆଶ୍ୱସ୍ତି, ଖୁସି, ଆଣି ଦେଇଥିଲା।

ଭଗବାନଙ୍କ ଇଚ୍ଛାରେ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ଏବଂ ଶ୍ରୀମତୀ ବାସନ୍ତୀ ପଟ୍ଟନାୟକଙ୍କ ବଡ଼ ବୋହୂ ହେଲି ବଡ଼ ପୁଅ ନିହାର ପଟ୍ଟନାୟକଙ୍କୁ ବିବାହ କରି। ଶାଶୁଥିଲେ ଉଦାର, ଦୟାଳୁ, ଈଶ୍ୱର ବିଶ୍ୱାସୀ, ସ୍ନେହମୟୀ, କପଟଶୂନ୍ୟ, କାଚପରି ସଫା ହୃଦୟର ମଣିଷ। ପ୍ରଥମ ଦିନରୁ ମୋତେ, ଶିକ୍ଷୟତ୍ରୀ ପରି ବୈବାହିକ ଜୀବନର



କର୍ତ୍ତବ୍ୟ ପାହାଚ ଚଢିବାରେ ସତେ ଯେପରି ହାତଧରି ଉପରକୁ ଉପରକୁ ଚଢ଼ଉଥିଲେ। ତାଙ୍କର ନିଷ୍କପଟ ସ୍ନେହ, ମମତା, କର୍ତ୍ତବ୍ୟପରାୟଣତାର ଶିକ୍ଷା ସେହିପରି ସହାୟକ ହେଲା ବଡ଼ ପରିବାରରେ ହସଖୁସି ହୋଇ ଚଳିବାରେ। ସେ ତାଙ୍କର ପିଲାମାନଙ୍କୁ ଏତେ ସୁନ୍ଦର ବ୍ୟକ୍ତିତ୍ୱ ଦେଇ ଗଢିଛନ୍ତି- ମାନୁ, ସାନୁ, ରାଜା ସମସ୍ତଙ୍କର ସ୍ନେହ ସମ୍ମାନ ମୋତେ ଶାଶୁଘରର ଜୀବନ ରଜ୍ଜୁକୁ ଦୃଢ଼ କରିଦେଲା।

ଛୁଆ ବା', ଛୁଆବୋଉ, ବୈକୁଣ୍ଠ ଦାଦା, ଚିନୁଖୁଡ଼ି ନିରଦାଦା, ଟୁନିଖୁଡୀ, ସବୁ କୁନିକୁନି ନଣନ୍ଦ, ଦିଅର ସମସ୍ତେ ଥିଲେ ତାଙ୍କର ଛନ୍ଦିଥିବା ଦୁଇହାତର ସ୍ନେହର ଗୋଲାକାର ବଳୟ ଭିତରେ। ସୁନ୍ଦର ବୁଝାମଣାରେ ମୋତେ ନିର୍ଦ୍ଦେଶ ଥିଲା କେହି ଯେମିତି ଅସମ୍ମାନିତ ହେବେନି। କାହାପ୍ରତି ସ୍ନେହ ମମତାର କମ୍ ହେବନି।

ଆସ୍ତେ ଆସ୍ତେ ସମୟର ଚକରେ ନାତି ନାତୁଣୀଙ୍କ ସମୟ ଆସିଗଲା। ପାପାଲି, ବାବାଲି, ସୋମ୍, ଜୁବୁଲି, ସୋନି, ସୁଇଟି, ଟୁଇଟି, ମାମା...ମାମା... ଡାକି ତାଙ୍କ ଚାରିପଟେ ବୁଲିଲେ। ସେମାନଙ୍କ ସମୟ କଟିଲା ତାଙ୍କର ସ୍ନେହ ଆଦରରେ । ମିଥ୍ୟା, ପରଚର୍ଚ୍ଚା, ପରନିନ୍ଦା, ପରଶ୍ରୀକାତରତା, ଈର୍ଷା, ଗର୍ବ, ଏ ସବୁ ଗୁଣଠାରୁ ସେ ଥିଲେ ବହୁତ ଦୂରରେ। ଥିଲେ ପବିତ୍ର। ଚାରିପୁଅଙ୍କର 'ସ୍ନେହମୟୀ ବୋଉ'। ସ୍ୱାମୀ ସନ୍ତାନ ଭିତରେ ତାଙ୍କର ସମନ୍ୱୟର ସଂପର୍କର ଶିକ୍ଷା ପ୍ରକୃତରେ ଏତେ ଶିକ୍ଷଣୀୟ ଯାହାକି ଆଜିର ଉଚ୍ଚଶିକ୍ଷିତା ନାରୀ ବି ପଛରେ ପଡ଼ିଯିବ। ଅତିଥିପରାୟଣତା କ'ଣ ତାଙ୍କ ଠାରୁ ଶିଖିବାର ଅଛି।

'ବୋଉ' ଆପଣଙ୍କ ସହ ବିତାଇଥିବା ସ୍ମୃତିର ପୁଞ୍ଜି ମୋ ହୃଦୟରେ ଘୂରିବୁଲୁଛି। କେଉଁ ସ୍ମୃତି ବଖାଣିବି ଜାଣି ପାରୁନି। ସୃଷ୍ଟିର ସ୍ରଷ୍ଟାଙ୍କ ପାଖକୁ ଆପଣ ଚାଲିଗଲେ ସତ ! ତେବେ କେବେ ହେଲେ ବି ଆପଣଙ୍କର ଆଦର୍ଶ, ଅମ୍ଲାନ ସ୍ନେହରେ ସୁନ୍ଦର, ସଫଳ ଜୀବନ ଗଢ଼ିବାର ମନ୍ତ୍ରକୁ ବାଦ ଦେଇ ପାରିବିନି। 'ବୋଉ' ଆପଣ ଆଜି ଅଫେରା ରାଇଜର ଆଉ ଏକ ପୃଥିବୀରେ। ଆମେ ସମସ୍ତେ ବାପି, ମାନୁ, ଖୁକୁନା (ସୋନୁ) ରାଜା, ଜୁଲି, ନମିତା, ରୋଜି, ମଧୁ, ଝୁନା-ମିନୁ, ବାପୁ-ଟିନା, କୁନୁ-ଜ୍ୟୋତିଷ, ମୁନୁ-ଆଲୋକ, ଲିନା, ମାମା-କାଜଲ, ତୁତୁନ୍-ବାପୁଲା, ପିଙ୍କି-ସମ୍ବିତ୍, ସୋମା, ଗୁନି, ବାବୁ ସବୁ ନାତି-ନାତୁଣୀ ସମସ୍ତେ ଆପଣଙ୍କ ଆଶୀର୍ବାଦର ବର୍ଷାକୁ ଅନୁଭବ କରୁଛୁ। ତାହା ହିଁ ଆମ ଜୀବନର ପାଥେୟ ହେବ। ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ହେଉ। ଶତଶତ ପ୍ରଣାମ କରି ଶ୍ରଦ୍ଧାଞ୍ଜଳି ଦେଉଛୁ ଆପଣଙ୍କ ଚରଣତଳେ...।

# ଅବକ୍ଷୟରୁ ମୁକ୍ତି ଦେବ ଭାଗବତ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ଅତିରିକ୍ତ
ଆରକ୍ଷୀ ଅଧିକ୍ଷକ
ମୋ-୮୨୪୯୨୮୧୫୬୭

ଭଗବାନ ବିଷ୍ଣୁଙ୍କ ଅଂଶାବତାର କୃଷ୍ଣ ଦ୍ୱୈପାୟନ ବ୍ୟାସ ଦେବ ସତର ଖଣ୍ଡ ପୁରାଣ ଓ ଉପ ପୁରାଣ ରଚନା କରିସାରିବା ପରେ ସେ ଖୁସି ନଥିଲେ କିମ୍ବା ତାଙ୍କର ଆତ୍ମତୃପ୍ତି ନଥିଲା । ସେ ଅନୁଭବ କରୁଥିଲେ ସତେଯେପରି ତାଙ୍କର ସମସ୍ତ ସୃଷ୍ଟି ନିଷ୍ଫଳ । ଦିନେ ହଠାତ ନାରଦ ମହର୍ଷି ତାଙ୍କ ନିକଟରେ ଆବିର୍ଭାବ ହୋଇ ତାଙ୍କ ମନର ଅବସ୍ଥା ଜାଣିବାକୁ ଚାହିଁଲେ । ବ୍ୟାସଦେବଙ୍କ କଥା ଶୁଣିବା ପରେ ମହର୍ଷି ନାରଦ ଭଗବାନ କୃଷ୍ଣଙ୍କ ଲୀଳା ସମ୍ପର୍କୀୟ ଏକ ପୁସ୍ତକ ଭାଗବତମ୍ ରଚନା କରିବାକୁ ଉପଦେଶ ଦେଲେ । ସ୍ୱୟଂ ନାରଦ ମୁନି ତାଙ୍କ ପିତା ବ୍ରହ୍ମ ଦେବଙ୍କଠାରୁ ଭାଗବତର ଦଶଗୋଟି ଶ୍ଳୋକ ଶୁଣିଥିଲେ । ସେହି ଦଶଗୋଟି ଶ୍ଳୋକକୁ ମହର୍ଷି ଏକଶହ ଶ୍ଳୋକରେ ବ୍ୟାସ ଦେବଙ୍କୁ କହିଲେ । ବ୍ରହ୍ମ ଦେବଙ୍କୁ ସ୍ୱୟଂ ଭଗବାନ ଭାଗବତର ଚାରୋଟି ଶ୍ଳୋକ କହିଥିବା କଥା ନାରଦ ମହର୍ଷି ପ୍ରକାଶ କରିଥିଲେ । ମୁନିଙ୍କ ଠାରୁ ଏକଶହ ଶ୍ଳୋକ ଶୁଣିବା ପରେ ବ୍ୟାସଦେବ ଅତ୍ୟନ୍ତ ଆନନ୍ଦିତ ହେଲେ ଓ ସଂସ୍କୃତ ଭାଗବତମ୍ ରଚନା କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ପରବର୍ତ୍ତି ଅବସ୍ଥାରେ ବ୍ୟାସଦେବ ଅଠର ହଜାର ଶ୍ଳୋକରେ ଭଗବାନ କୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ସଂସ୍କୃତ ଭାଗବତମ୍ ରଚନା କଲେ । ଏହି କାର୍ଯ୍ୟରେ ଗଣେଶ ଦେବ ତାଙ୍କୁ ସହାୟତା କରିଥିବା କଥା ଆମ ଶାସ୍ତ୍ରରେ ଉଲ୍ଲେଖ ଅଛି । ଭାଗବତମ୍ ରଚନା କରି ବ୍ୟାସଦେବ ଅତ୍ୟନ୍ତ ଆନନ୍ଦିତ ହେଲେ ଓ ଏହି ଗ୍ରନ୍ଥକୁ ପ୍ରଚାର ପ୍ରସାର କରିବା ପାଇଁ ତାଙ୍କର ପୁତ୍ର ଆଜନ୍ମ ବ୍ରହ୍ମଚାରୀ ବିଶିଷ୍ଟ ଯୋଗୀ ଓ ପରମହଂସ ଶୁକମୁନିଙ୍କ ଉପରେ ଦାୟିତ୍ୱ ଅର୍ପଣ କଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ କରିବା ପରେ ସମଗ୍ର ହସ୍ତିନାପୁରର ଦାୟିତ୍ୱ ରାଜା ପରିକ୍ଷିତଙ୍କ ଉପରେ ରହିଲା । ତାଙ୍କ ରାଜତ୍ୱ କାଳରେ କଳିର ପ୍ରବେଶ ହୋଇସାରିଥିଲା । ରାଜା ଦିନେ ମୃଗୟା ନିମିତ୍ତ□ ଜଙ୍ଗଲକୁ ଯାଇଥିବା ଅବସ୍ଥାରେ ତାଙ୍କୁ ପ୍ରବଳ ତୃଷା ହେବାରୁ ସେ ନିକଟସ୍ଥ ସମୀକ ଋଷିଙ୍କ କୁଟୀରକୁ ଯାଇ ନିଜର ତୃଷା ମେଣ୍ଟାଇବାକୁ ଧ୍ୟାନରତ ମୁନିଙ୍କୁ ଜଳ ପାଇଁ ଆହ୍ୱାନ କରିଥିଲେ। ତପସ୍ୱୀ ରାଜାଙ୍କ କଥାକୁ କର୍ଣ୍ଣପାତ ନ କରିବାରୁ ରାଜା କ୍ରୋଧିତ ହୋଇ ଏକ ମୃତ ସର୍ପ ମୁନିଙ୍କ ଗଳାରେ ଝୁଲାଇ ଦେଇଥିଲେ । ମୁନିଙ୍କ ପୁଅ ଶୃଙ୍ଗୀ ନିଜ ପିତାଙ୍କ ଗଳାରେ ଏକ ମୃତ ସର୍ପକୁ ଦେଖିବାପରେ କ୍ରୋଧିତ ହୋଇ ରାଜା ପରୀକ୍ଷିତଙ୍କୁ ସାତ ଦିନ ଭିତରେ ତକ୍ଷକ ଦଂଶନ କରିବାର ଅଭିଶାପ ଦେଇଥିଲେ । ମୁନିଙ୍କ ଅଭିଶାପ ପରେ ରାଜା ବିଚଳିତ ହୋଇପଡ଼ିଥିଲେ ଓ କିଭଳି ବ୍ରହ୍ମ ଶାପ୍ୟରୁ ନିଜକୁ ରକ୍ଷା କରିବେ ଚିନ୍ତା କରି ଗୁରୁ ଓ ମୁନି ଋଷିମାନଙ୍କ ପରାମର୍ଶ ଲୋଡ଼ିଥିଲେ । ପରାମର୍ଶ ଅନୁଯାୟୀ ରାଜା ନିଜର ସିଂହାସନ ତ୍ୟାଗ କରି ଗଙ୍ଗା ନଦୀକୂଳକୁ ଅସି ତପସ୍ୟା କରିଥିଲେ ଓ ଭଗବାନଙ୍କୁ ଆରାଧନା କରିଥିଲେ । ଭଗବାନଙ୍କ ନିର୍ଦ୍ଦେଶ କ୍ରମେ ଶୁକ ମୁନି ଯେ କି କୁରୁଜଙ୍ଗଲ ନାମକ ସ୍ଥାନରେ ବୁଲୁଥିଲେ । ସେ ଆସି ଗଙ୍ଗା କୂଳରେ ପହଞ୍ଚି ରାଜା ପରିକ୍ଷିତଙ୍କୁ ସାତ ଦିନ ବ୍ୟାପି ଭାଗବତ ଶ୍ରବଣ କରାଇଥିଲେ । ଏହି ଭାଗବତ ଶୁଣିବା ପାଇଁ ବ୍ୟାସଦେବ ସମେତେ ହଜାର ହଜାର ମୁନିଋଷି ଓ ସ୍ୱର୍ଗର ଦେବତାମନେ ସେଠାରେ ସମବେତ ହୋଇ ଥିଲେ । ରାଜା ପରିକ୍ଷିତ ଏକନଷ୍ଠ ଚିତ୍ତରେ ଶୁକମୁନିଙ୍କଠାରୁ ଭାଗବତ ଶ୍ରବଣ କରି ବ୍ରହ୍ମ ଶାପ୍ୟରୁ ମୁକ୍ତି ପାଇଥିଲେ ଓ ତାଙ୍କୁ ନେବା ପାଇଁ ସ୍ୱର୍ଗରୁ ବିମାନ ଆସିଥିଲା । କୁହାଯାଏ ତାଙ୍କର ଜଡ଼ ଶରୀରକୁ ତକ୍ଷକ ଦଂଶନ କରିଥିଲା। କେବଳ ପରୀକ୍ଷିତ ଯେ ଭାଗବତ ଶ୍ରବଣ କରି ମୋକ୍ଷ ଲାଭ କରିଥିଲେ ତାହା ନୁହେଁ ଦୁନ୍ଦୁକାରୀ ଯେକି ଜଣେ ଜଘନ୍ୟ ପାପୀ ଥିଲା ଓ ତା'ର ଦେହାନ୍ତ ହେବା ପରେ ତାର ଆତ୍ମା ମୋକ୍ଷ ପାଇପାରୁନଥିଲା ପ୍ରେତ ହୋଇ ଘୁରିବୁଲୁଥିଲା, ତା'ର ଭାଇ ଗୋକର୍ଣ୍ଣ ଭାଗବତ ସପ୍ତାହ କରିବା ସହିତ ଦୁନ୍ଦୁକାରୀ ଏକନିଷ୍ଠ ଚିତ୍ତରେ ଶ୍ରବଣ କରିବ ଫଳରେ ତାର ଆତ୍ମା ମୋକ୍ଷ ଲାଭ କରିଥିଲା, ଯାହାକି ଭାଗବତ ମହାତ୍ମ୍ୟରେ ଉଲ୍ଲେଖ ଅଛି । ଭାଗବତମ୍ ଏକ ମୋକ୍ଷ ପ୍ରଦାୟିନୀ ଗ୍ରନ୍ଥ । ଏହା ସ୍ୱୟଂ ଭଗବାନ କୃଷ୍ଣଙ୍କ ବାଙ୍ମୟ ରୂପ । ଭଗବାନ ଯେତେବେଳେ ନିଜର ଲୀଳାଖେଳା ସାରି ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚିନ୍ତା କଲେ ଉଦ୍ଧବ ଭଗବାନଙ୍କୁ ପ୍ରଶ୍ନ କଲେ କହିଲେ, 'ପ୍ରଭୁ ଆପଣଙ୍କ ଅବର୍ତ୍ତମାନରେ ମଣିଷ ସମାଜ ଜୀବ ଜଗତ କିପରି ବଞ୍ଚିବେ ? ଏହି ସମୟରେ ଉଦ୍ଧବ ଦେଖିବାକୁ ପାଇଲେ ଯେ ଭଗବାନଙ୍କ ଗୋଟିଏ ରୂପ ଭାଗବତ ଭିତରେ ପ୍ରବେଶ କରିଗଲେ । ତେଣୁ ଏହି କଳିଯୁଗରେ ଭାଗବତ ହିଁ ମଣିଷକୁ ମୁକ୍ତିର ରାସ୍ତା ଦେଖାଇପାରିବ ବୋଲି ଉଦ୍ଧବ ଓ ବିଦୁର କଥୋପକଥନ ଭିତରେ ଉଲ୍ଲେଖ କରାଯାଇଛି । ଭଗବତମ୍ ଅତ୍ୟନ୍ତ ପବିତ୍ର ଗ୍ରନ୍ଥ ଯେଉଁଥିରେ ଭଗବାନଙ୍କ ବାଲ୍ୟ ଲୀଳାଠାରୁ ଆରମ୍ଭ କରି ଶେଷ ଜୀବନ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି । ଏଥିରେ ଭକ୍ତି ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱର ମଧୁର ସମ୍ମିଶ୍ରଣ ରହିଛି । ମୂଳ ସଂସ୍କୃତ ଭାଗବତରୁ ବିଭିନ୍ନ ଭାଷାରେ ପରବର୍ତ୍ତି ଅବସ୍ଥାରେ ଅନୁବାଦ କରାଯାଇଛି । ଷଷ୍ଠଦଶ ଶତାବ୍ଦୀ ବେଳକୁ ଭକ୍ତ କବି ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ସହଜ ସରଳ ଓଡ଼ିଆ ଭାଷାରେ ଓ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ପ୍ରତ୍ୟେକ ଓଡ଼ିଆର ହୃଦୟକୁ ସ୍ପର୍ଶ କରିଥିଲେ । ଓଡ଼ିଆ ଭାଗବତ ପ୍ରତ୍ୟେକ ଓଡ଼ିଆ ଘରେ ପୂଜା ପାଉଥିଲା ଓ ଗାଁ ଗାଁ ରେ ଭାଗବତ ଟୁଙ୍ଗିମାନ ଗଠନ ହୋଇ ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାରାୟଣ କରାଯାଉଥିଲା । ପଣ୍ଡିତ ଶ୍ରୀଧର ସ୍ୱାମୀ ଭଳି ଆହୁରି ଅନେକ ପଣ୍ଡିତ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ପାଠକମାନଙ୍କୁ ଖୋରାକ ଯୋଗାଇଥିଲେ । ଷଷ୍ଠଦଶ ଶତାବ୍ଦୀରେ ପ୍ରାୟ ୯୯ଭାଗ ଲୋକ ନିରକ୍ଷର ଥିଲେ । ଭାଗବତ ଲୋକଲୋଚନକୁ ଆସିବା ପରେ ଭାଗବତ ପାଠ କରିବା ପାଇଁ ଯେତିକି ଜ୍ଞାନ ଆବଶ୍ୟକ ହେଉଥିଲ ଲୋକମାନେ ଗ୍ରାମ ଚାଟଶାଳୀରେ ସେତିକି ଶିକ୍ଷା କରୁଥିଲେ । ଝିଅ ବିଭାଘର ସମୟରେ ବର ଘର ତରଫରୁ ଝିଅ ଭାଗବତ ପଢ଼ି ଜାଣିଛି କି ନାହିଁ ପଚରା ଯାଉଥିଲା । ଝିଅ ଯଦି ଭାଗବତ ଦୁଇ ଅକ୍ଷର ପଢ଼ି ଜାଣୁଥିଲା ବର ପକ୍ଷ ତରଫରୁ ବିଭାଘର ପାଇଁ ଅନୁମତି ମିଳିଯାଉଥିଲା । ମଣିଷର ଶେଷ ସମୟରେ ମୃତ୍ୟୁଶଯ୍ୟା ନିକଟରେ ଭାଗବତ ପାରାୟଣ କରାଯାଉଥିଲା । ଅମର ଭାଗବତ ଓ ଭଗବଦ୍ ଗୀତା କହନ୍ତି ଯେ ମଣିଷ ତା'ର ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ଯଦି ସେ ଭଗବାନଙ୍କୁ ସ୍ମରଣ କରେ ବା ତାଙ୍କର ରୂପକୁ ମନେ ପକେଇ ଦେହତ୍ୟାଗ କରେ ସେ ମୋକ୍ଷ ଲାଭ କରେ । ସେଥିପାଇଁ ଭାଗବତ ଓ ଗୀତାକୁ ମୋକ୍ଷ ପ୍ରଦାୟିନୀ ଗ୍ରନ୍ଥ ବୋଲି କୁହାଯାଏ । କୁହାଯାଏ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ ଭଗବଦ୍ ଗୀତାରେ ଉଲ୍ଲେଖ ଅଛି 'ଯଂ ଯଂ ବାପି ସ୍ମରାନ୍‌ଭବଂ ତ୍ୟଜତ୍ୟନ୍ତେ କଳେବରମ୍ ତଂ ତମେବୈତି କୌନ୍ତେୟ ସଦାତତ୍ ଭାବଭାବିତଃ ।' (ଅଷ୍ଟମ ଅଧ୍ୟାୟ ଶ୍ଳୋକ-୬) ଆଜି ଭାଗବତ ଟୁଙ୍ଗି ଓ ଭାଗବତ ସଂସ୍କୃତି ଅବକ୍ଷୟମୁଖୀ । ଆଜିର ଯୁବପିଢ଼ୀ ଗୀତା ଓ ଭାଗବତ ପଢିବା ତ ଦୂରର କଥା ଆସ୍ତେ ଆସ୍ତେ ସେମାନେ ଆମର ଧର୍ମ ଓ ସଂସ୍କୃତି ଠାରୁ ଦୂରେଇଯିବାର ଦେଖା ଯାଉଛି । ପରିବାରରେ ପିତା ମାତା ନା ବିଦ୍ୟାଳୟରେ ଗୁରୁମାନେ କେହି ହେଲେ ପିଲାମାନଙ୍କୁ ଗୀତା ଭାଗବତ ପଢିବା ପାଇଁ ପ୍ରୋତ୍ସାହନ ଦେଉନାହାନ୍ତି । ଫଳରେ ଆମ ଧର୍ମ ସଂସ୍କୃତିଠାରୁ ସେମାନେ ଦୁରେଇ ଯାଉଛନ୍ତି । ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ କହିଥିଲେ 'ନିତି ଭାଗବତ ପଢ । ସେଇ ଭାବରେ ମନକୁ କର ତୁ ଦୃଢ ।' ଭାଗବତ ଖାଲି ପଢିଲେ ହେବନି, ସେହି ଆଧ୍ୟାତ୍ମିକ ରସକୁ ଆକଣ୍ଠ ପାନ କରିବା ଉଚିତ । ଇଂରେଜମାନେ ଭାରତ ବର୍ଷର ଶାସନ ହାତକୁ ନେବା ପରେ ଆମର ଗୁରୁକୁଳ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇ ପାଶ୍ଚାତ୍ୟ ଶିକ୍ଷାକୁ ପ୍ରୋତ୍ସାହନ ଦେଲେ, ଯେଉଁଥିପାଇଁ ଆଜି ସାମାଜିକ ସ୍ଖଳନ ଦେଖିବାକୁ ମିଳୁଛି ।

ଆସନ୍ତୁ ଏହି ଅବକ୍ଷୟମୁଖୀ ସଂସ୍କୃତିକୁ ରକ୍ଷା କରିବା ପାଇଁ ଆମ ପିଲାମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ଦେବା ସହିତ ଆମ ଧର୍ମର ପବିତ୍ର ଗ୍ରନ୍ଥ ଭାଗବତ ଓ ଭଗବଦ୍ ଗୀତା ସମ୍ପର୍କରେ ଶିକ୍ଷାଦାନ କରିବା ଓ ପ୍ରତି ଗାଁରେ ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର କରି ଲୋକମାନଙ୍କ ମନରେ ଆଧ୍ୟାତ୍ମିକତାର ସ୍ରୋତ ପ୍ରବାହିତ କରିବା ।

# ଭାରତୀୟ ସଂସ୍କୃତିର ପୁନରାବଲୋକନ (୨)

ନାରାୟଣ ନାୟକ
ସଂସ୍କୃତି ଭବନ
ଚଣ୍ଡୀ ମନ୍ଦିର ମାର୍ଗ, କଟକ
ମୋ-୮୨୮୦୩୧୨୬୫୨

ଏଭଳି ମହାନ ବିଚାରଥିବା ଦେଶକୁ, ଏପରି ମହାନ ସ୍ୱଭାବଥିବା ଦେଶକୁ, ଏପରି ପ୍ରକୃତି ଓ ମହାନ ପରମ୍ପରା ଥିବା ଦେଶକୁ ସେମାନେ ବର୍ବରତାର ସହ ଲୁଟି ନେଲେ, ଗୋଲାମ (ପରାଧୀନ) କରିଦେଲେ ସତ କିନ୍ତୁ ଏ ଦେଶ ଭିତରେ ଭିତରେ ଏତେ ସୁଦୃଢ଼ ଥିଲା ଯେ ଏହାର ଆନ୍ତରିକ ଭାବନା ଓ ଏହାର ଅନ୍ତରାତ୍ମାକୁ କେହି ନଷ୍ଟ କରିପାରିଲେ ନାହିଁ। ସବୁ ପ୍ରକାର ଷଡ଼ଯନ୍ତ୍ର ତାଙ୍କର ଅସଫଳ ହୋଇଛି।

ଷଡ଼ଯନ୍ତ୍ର ୧. ଭାରତର ଲୋକେ ତ ଶ୍ରେଷ୍ଠ, କିନ୍ତୁ ସେମାନେ ଏ ଦେଶର ମୂଳ ଅଧିବାସୀ ନୁହଁନ୍ତି। ସେମାନେ ସମସ୍ତେ ବାହାରୁ କେଉଁ ମଧ୍ୟ ଏସିଆରୁ ଆସିଛନ୍ତି। ଏହିପରି ଏକ ଆର୍ଯ୍ୟ ଆଗମନ ତତ୍ତ୍ୱକୁ ଗଢ଼ି ଦେଲେ। ଯେଉଁ ଷଡ଼ଯନ୍ତ୍ରକୁ ଆମର ବୁଦ୍ଧିଜୀବୀମାନେ ବୁଝିବାରେ ଅକ୍ଷମ ହେଲେ। କାରଣ ସେମାନେ କେବେ ବି ଭାବି ନଥିଲେ ଯେ ମଣିଷ ଭିତରେ ଏଭଳି କୁଟିଳତା ଥିବ ବୋଲି। ବହି ଛପେଇ ଦେଲେ। ସବୁ ଗ୍ରନ୍ଥାଗାରକୁ ବହି ପଠେଇଦେଲେ। ଆମ ବିଦ୍ୱାନ ମାନେ ତାକୁ ପଢ଼ିଲେ ଓ ପଢ଼େଇଲେ। ଏଭଳି ନୀଚ କାମ କରାଯାଇଥିବ ବୋଲି ଆମ ବିଦ୍ୱାନଲୋକେ ବୁଝି ପାରିଲେ ନାହିଁ। ଷଷ୍ଠ ଶ୍ରେଣୀର ଛାତ୍ର ପଢ଼ିଲା ଭାରତୀୟ ମାନେ ହେଲେ ଆର୍ଯ୍ୟ। ଏମାନେ ସବୁ କାସପିଆନ ସାଗର କୂଳରେ ଥିଲେ। ଖାଇବାର ଗିରିପଥ ଦେଇ ଏମାନେ ଭାରତରେ ପ୍ରବେଶ କରିଛନ୍ତି। କେତେ ଶତାବ୍ଦୀ ପରେ ଆଜି ଆମର ଐତିହାସିକମାନେ ଏହା ଏକ ମନଗଢ଼ା କାହାଣୀ ବୋଲି ପ୍ରମାଣିତ କରିଛନ୍ତି। ସେମାନେ କହିଛନ୍ତି ଆମେ ବାହାରୁ ଆସିନାହୁଁ। ଆମେ ବାହାରକୁ ଯାଇଛୁ।

ରଗ୍ ବେଦ ଓ ପଶ୍ଚିମ ଏସିଆ ବହିଟି ଜଣେ ବାମପନ୍ଥୀ ଲେଖକ ଲେଖିଛନ୍ତି। କିନ୍ତୁ ସେ ଏଥିରେ ଆର୍ଯ୍ୟ ଆଗମନ ତତ୍ତ୍ୱକୁ ବଡ଼ ପ୍ରଭାବୀ ଢଙ୍ଗରେ ଖଣ୍ଡନ କରିଛନ୍ତି।

ସେ କହିଛନ୍ତି - ଯଦି ଆର୍ଯ୍ୟ ବାହାରୁ ଆସିଥାନ୍ତେ ତେବେ ସେ ତାଙ୍କର ଭାଷାକୁ ନେଇକି ଆସିଥାନ୍ତେ। ତାଙ୍କ ଭାଷା ଗୋଟେ ବିଦେଶୀ ଭାଷା ହୋଇଥାଆନ୍ତା। କିନ୍ତୁ ଭାରତରେ କୁହାଯାଉଥିବା ସବୁ ଭାଷା ତ ସଂସ୍କୃତରୁ ଆସିଛି। କ ଚ ଟ ତ ପ ବର୍ଗର ଅକ୍ଷର ଓ ଧ୍ୱନି ବିଜ୍ଞାନକୁ ବିସ୍ତୃତଭାବେ ବୁଝାଇ ସେ କହିଛନ୍ତି ଯେ ଏ ପ୍ରକାର ଧ୍ୱନି ପାଶ୍ଚାତ୍ୟ ଲୋକେ ଅଭ୍ୟାସ କରି ମଧ୍ୟ ବାହାର କରିପାରିବେ ନାହିଁ। ଆଜି ଯେଉଁ ବିଦେଶୀ ଭାଷାକୁ ଆମେ ମାତୃଭାଷା ଭଳି ବ୍ୟବହାର କରୁଛୁସେଥିରେ ଠ ନାହିଁ, ଭ ନାହିଁ, ଆମର କେତେକ ଶବ୍ଦ ଅଛି ଯାହାକୁ ତାଙ୍କ ମହାଦେଶର ଜଣେ ବି ଲୋକ ଠିକ୍ ଭାବେ ସ୍ପଷ୍ଟ ଭାବେ ଉଚ୍ଚାରଣ କରିପାରିବ ନାହିଁ। ଚାଲି ଆସିଲେ ଆମକୁ ଜ୍ଞାନ ଦେବା ପାଇଁ ଯେ ତୁମେ ବାହାରୁ ଆସିଛ। ଏହି ତତ୍ତ୍ୱ ଆମ ରାଷ୍ଟ୍ରର ଧର୍ମକୁ ବିଚଳିତ କରିଦେଲା। ଆମ ରାଷ୍ଟ୍ର ଧର୍ମରେ, ଆମ ରାଷ୍ଟ୍ର ଦର୍ଶନରେ ଆମ ରାଷ୍ଟ୍ରର ବିଚାର ଭ୍ରମିତ ହୋଇଗଲା। ଆମ ରାଷ୍ଟ୍ର ଧର୍ମରେ ଏପରି ଭ୍ରଷ୍ଟ ବିଚାର ପ୍ରବେଶ କରି ଆମକୁ ଭୁଲ୍ ରାସ୍ତାରେ ଯିବାକୁ ପ୍ରେରିତ କଲା।

ଆମ ଭଗବାନ ଗୀତାରେ କହିଛନ୍ତି ଧର୍ମରେ ଗ୍ଳାନି ଘଟିଲେ ସେ ନିଜେ ଆସନ୍ତି ତାକୁ ସୁଧାରିବା ପାଇଁ।

ଏ ଯୁଗରେ ସେ ନିଜେ ଆସିଲେ କି ନା ଆମକୁ ଜଣା ନାହିଁ, କିନ୍ତୁ ଅନେକ ମହାପୁରୁଷଙ୍କୁ ସେ ପଠାଇଛନ୍ତି ଯେଉଁମାନେ କେବଳ ରାଷ୍ଟ୍ରଧର୍ମକୁ ରକ୍ଷା କରିବା ପାଇଁ ଜନ୍ମନେଇଛନ୍ତି।

ସେମାନେ ରାଜ୍ୟକୁ ନେସନ କହିଲେ। ଆମର ଏଠି ଏକ ରାଷ୍ଟ୍ର ଭିତରେ ଶହେ ରାଜ୍ୟ ରହିପାରିବେ। ଆମର ଏହି ତତ୍ତ୍ୱ ଓ ଆମର ଏହି ବ୍ୟବହାର ବୁଝିବାକୁ ତାଙ୍କ ପାଖରେ ସେତିକି ବୁଦ୍ଧି ନ ଥିଲା। ସେମାନଙ୍କ ନେସନ କନସେପ୍ଟ ମାନେ ହେଲା ଏକ ଭାଷା ମାନେ ଏକ ନେସନ। ଦୁଇଟି ଭାଷା ମାନେ ଦୁଇଟି ନେସନ। ଚାରିଟି ଭାଷା ମାନେ ଚାରିଟି ନେସନ। ଜର୍ମାନୀ ଜର୍ମାନୀ ଭାଷୀଙ୍କର, ଫ୍ରେଞ୍ଚ ଫ୍ରେଞ୍ଚ ଭାଷୀଙ୍କର, ସ୍ପେନ ଅର୍ଥାତ୍ ସ୍ପେନିସ ଭାଷୀଙ୍କର, ପର୍ତ୍ତୁଗୀଜ ପର୍ତ୍ତୁଗୀଜଭାଷୀଙ୍କର। ତାଙ୍କ ମତରେ ଦୁଇଟି ଭାଷାଭାଷୀ ଲୋକଙ୍କର ଗୋଟିଏ ନେସନ ହୋଇପାରିବ ନାହିଁ। ଭାରତରେ ଶହ ଶହ ବୋଲି ଶହ ଶହ ଭାଷା ଅଛି। ସବୁ ଭାଷାକୁ ନେଇ ବିପୁଳ ସାହିତ୍ୟ ଭଣ୍ଡାର ଅଛି। ସବୁ ଭାଷା ଏକାଠି ସହବସ୍ଥାନ କରୁଛନ୍ତି। ଏଥିପାଇଁ ଆମେ କହୁଛୁ ଭାରତ ଏକ ରାଷ୍ଟ୍ର ଅଟେ। ଏହା ଏକ ନେସନ ନୁହଁ। ସେମାନେ ସବୁ ଏକ ଏକ ନେସନ। ଏ ସବୁ ନେସନ ଅତ୍ୟନ୍ତ ଅସହନଶୀଳତା (ଏକ୍ସଟ୍ରିମ୍ ଇଣ୍ଟଲରେନ୍ସ) କୁ ନେଇ ଜନ୍ମ ନେଇଛନ୍ତି। ତାଙ୍କ ନେସନ ତିଆରିର ଆଧାର ହେଲା ଅସହିଷ୍ଣୁତା। ଆନ୍ଦୋଳନ। ଆମର ଏପରି ନୁହେଁ। କେଉଁ ରାଜା ସେନା ନେଇ ଆସିଗଲା ଗୋଟେ ଅଞ୍ଚଳ ଜୟ କରିଗଲା କିମ୍ବା କେହି ଏକ ଭାଷାକୁ ନେଇ ଆନ୍ଦୋଳନ କରି ଜିତି ଗଲା, ଗୋଟେ ରାଷ୍ଟ୍ର ହୋଇଗଲା, ଏପରି ରାଷ୍ଟ୍ର ଆମ ଦେଶରେ ଗଠନ ହୋଇ ନାହିଁ। ଆମର ଏଠି ରାଷ୍ଟ୍ରର ଆବଶ୍ୟକ ତତ୍ତ୍ୱ ହେଲା ସାମୂହିକତା, ସଂକଳ୍ପ - ଯାହାର ଆଧାର ହେଲା ଆଧ୍ୟାତ୍ମିକତା।

ସେମାନଙ୍କ ମନ ମସ୍ତିଷ୍କରେ ଭାଷାଭିତ୍ତିକ ନେସନ ଥିବାରୁ ସେମାନେ ଏଠାରେ ଶହ ଶହ ନେସନ ହେବାର ସ୍ୱପ୍ନ ଦେଖିଲେ। ନେସନ କରିବା ପାଇଁ ଭାଷା ଭାଷା ଭିତରେ ଲଢ଼େଇ କରିବା ଆରମ୍ଭ କରିଦେଲେ। ବଡ଼ ବଡ଼ ବିଦ୍ୱାନଙ୍କୁ ଏଥିପାଇଁ ଯୋଗାଡ଼ କରୁଥିଲେ। କିଛି ଜାଗାରେ ରାଜ୍ୟ ଗଢ଼ିବାରେ ସମର୍ଥ ହେଲେ, କିନ୍ତୁ ଆମ ଦେଶର ରାଷ୍ଟ୍ର ତତ୍ତ୍ୱ ଏତେ ଗଭୀର ଥିଲା ଯେ ସେମାନଙ୍କର ସମସ୍ତ ଷଡ଼ଯନ୍ତ୍ର ଅସଫଳ ହେଲା। ଏବେ ଆମର ସତ୍ ସାହିତ୍ୟର ଧର୍ମ ହେଉଛି ଏହି ସବୁ ଭ୍ରମକୁ ଦୂର କରିବା। ଭାରତର ରାଷ୍ଟ୍ର ଧର୍ମକୁ ଠିକ୍ ଭାବେ ପ୍ରସ୍ତୁତ କରିବା। ଆଉ ଗୋଟିଏ କଥା ହେଲା ଉପରୋକ୍ତ ଦୁଇଟି ତତ୍ତ୍ୱ ସେ ଆର୍ଯ୍ୟ ଆଗମନ ହେଉ ବା ଭାଷାଭିତ୍ତିକ ରାଜ୍ୟ ହେଉ ସେଥିରୁ ଆମେ ବର୍ତ୍ତିଗଲେ। କିନ୍ତୁ ଏବେ ଆଉ ଗୋଟେ ବଡ଼ ସଙ୍କଟ ଆମ ଆଗରେ ସୁନାମି ଭଳି ଛାଇ ଯାଇଛି। ତାହା ହେଲା ଭୌତିକବାଦ ତାହା ହେଲା କଞ୍ଜୁମରିଜିମ୍ । ତାହା ହେଲା ଅଧିକରୁ ଅଧିକ ଦ୍ରବ୍ୟ ସଂଗ୍ରହ । ଆମ ଆଗରେ ବସିଥିବା ଟିଭି ଆମ ହାତକୁ ଛାଡୁ ନ ଥିବା ମୋବାଇଲ । ଏ ୨ଟିଯାକ ତାଙ୍କ ଦ୍ରବ୍ୟକୁ ଆମକୁ ବିକି ବାକୁ ମିଠା ମିଠା କଥା କହୁଛନ୍ତି। ତାଙ୍କ ଦ୍ରବ୍ୟ ନ କିଣିଲେ ଆମ ଜୀବନ ବ୍ୟର୍ଥ ବୋଲି କହୁଛନ୍ତି। ପ୍ରକୃତରେ ଏହି ମାୟାରେ ଆମେ ବାୟା ହୋଇଛନ୍ତି। ଏବେ ରାମରାଜ୍ୟର କଥା ଚାଲିଛି। ଭଗବାନ ରାମଙ୍କୁ ମଧ୍ୟ ମାୟାମୃଗ ବାଟବଣା କରିଥିଲା। ତାଙ୍କ ଜୀବନରୁ ଶିକ୍ଷା ନେଇ ଆମେ ଏହି ମାୟାରୁ ଦୂରେଇ ରହିବା ଉଚିତ। ଆମ ଦେଶ ଭୋଗବାଦକୁ ଉପେକ୍ଷା କରେ ନାହିଁ। କିନ୍ତୁ ଭୋଗବାଦ ପଛରେ ଦୌଡେ ନାହିଁ। ତ୍ୟାଗ ଓ ଭୋଗ ଭିତରେ ସମନ୍ୱୟ ସ୍ଥାପନ କରି ଆମ ଦେଶ ଆଗକୁ ବଢ଼େ। ଗ୍ଲୋବଲ ୱାର୍ମିଂ କମେଇବା ବିଷୟରେ ସ୍ତମ୍ଭ ଲେଖୁଥିବା, ଭାଷଣ ଦେଉଥିବା ଲୋକଟି ପର କ୍ୟାପିଟା କେତେ ବିଦ୍ୟୁତ କଞ୍ଜୁମ କରୁଛି, ପର କ୍ୟାପିଟା ଲୁଗାପଟା କେତେ କଞ୍ଜୁମ କରୁଛି, ପର କ୍ୟାପିଟା ଫୁଏଲ କେତେ କଞ୍ଜୁମ କରୁଛି ନିଜେ ଦେଖିବା ଦରକାର। ଏଇ ତିନିଟିରେ ଆଜି ବିକଶିତ ଅବିକଶିତ ଦେଶ ମପା ଯାଉଛି। ପର କ୍ୟାପିଟା ଆନନ୍ଦ କିଏ ମାପୁଛି ? ପର କ୍ୟାପିଟା ସୁଖ କିଏ ମାପୁଛି ?

ଯାଜ୍ଞବଲ୍କ ଯେତେବେଳେ ନିଜର ଦୁଇ ପତ୍ନୀଙ୍କ ଭିତରେ ସମ୍ପତ୍ତି ବାଣ୍ଟୁଛନ୍ତି, ମୈତ୍ରେୟୀ କହୁଛି ଏହା ଦ୍ୱାରା ମୋତେ ସୁଖ ମିଳିବ କି ? ଅମରତ୍ୱ ମିଳିବ କି ? ଯାଜ୍ଞବଲ୍କ କହୁଛନ୍ତି ନା ଏଥିରେ ସୁଖ ମିଳିବ ନାହିଁ କି ଅମରତ୍ୱ ବି ମିଳିବ ନାହିଁ।

ମୈତ୍ରେୟୀ କହୁଛନ୍ତି, ତେବେ ଏ ସବୁ ମୋର ଆବଶ୍ୟକ ନାହିଁ। ଯମ ଅନେକ ପ୍ରକାର ସୁଖ ସମ୍ପଦ ଦେଇ ନଚିକେତାକୁ ଫେରେଇ ଦେବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ନଚିକେତା ସେଇ କଥା ପଚାରୁଛି ଏଥିରେ କଣ ଶାନ୍ତି ଅଛି ? ଏଥିରେ କଣ ଅମରତ୍ୱ ଅଛି ?

ଏ ଦେଶ ହେଉଛି ନଚିକେତାର ଦେଶ, ଏ ଦେଶ ହେଉଛି ମୈତ୍ରେୟୀର ଦେଶ ଏ ଦେଶ ହେଉଛି ଯାଜ୍ଞବଲ୍କର ଦେଶ ଏ ଦେଶ ହେଉଛି ରାଜ୍ୟକୁ ତ୍ୟାଗ କରିଥିବା ରାମଙ୍କ ଦେଶ ଏ ଦେଶ ହେଉଛି ରାଜ୍ୟକୁ ସ୍ୱୀକାର କରି ନ ଥିବା ଭରତଙ୍କ ଦେଶ । ଦେବା, ନେବା, ଛାଡ଼ି ଦେବା, ଛଡ଼େଇ ନେବା, ଲୁଟି ନେବା, ମନ୍ଦିର ଭାଙ୍ଗିବା, ମହିଳାଙ୍କୁ ନେଇ ବଜାରରେ ନିଲାମ କରିବା ଏହା ବର୍ବର ଜାତି ମାନଙ୍କର ବର୍ବର ଦେଶ ମାନଙ୍କର କାର୍ଯ୍ୟ ହୋଇପାରେ, ଏହା ଆମ ଦେଶର କାର୍ଯ୍ୟ ନୁହେଁ। ଆମ ସାହିତ୍ୟ ଆମ ରାଷ୍ଟ୍ରଧର୍ମର ପ୍ରଚାର କରୁ। ଆମର ପ୍ରତ୍ୟେକ ପରିବାର ସତ୍ ସାହିତ୍ୟର କେନ୍ଦ୍ର ହେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# କବିତାୟନ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅପ୍ରେଲ ୨୦୨୪ ଶୁକ୍ରବାର

## ଆଖି

**ସୁଜିତ କୁମାର ମିଶ୍ର**

ଚାହାଣୀ ନଈର ମଧୁର ମୂର୍ଚ୍ଛନା ଛନ୍ଦ ଗୀତ ମିଠା ରାଗେ,
ଅନ୍ତର ଭାବନା ପଲକେ ସ୍ଫୁରଣ ଆନମନା ଜଳଯୋଗେ ।
ଦୁଇ ଆଖି ଭାବ ମିଳନ ମୂହୁର୍ତ୍ତ ଦିବ୍ୟ ଋତୁ ଆଗମନ,
ଶରଧାଫୁଲର ବାସନା ସଜାଏ ସପନର କୁଞ୍ଜବନ ।

ନୀଳ ଆକାଶର ଅନୁରାଗ ରଙ୍ଗ ନବୀନ ପ୍ରଣୟ ଭାଷା,
ନିଶବ୍ଦେ ନିନାଦ ପୂଜା ନୈବେଦ୍ୟ ତା ନୀରଭିଜା ପୂର୍ଣ୍ଣ ଆଶା ।
କେବେ ସେ ଦ୍ରୋହର ଉତ୍ତାପ ଅନଳ କାମନାର ଗରଜନେ,
ନିଜ ଅଗଣାରେ ନିଜେ ଧ୍ୱଂସବୀଜ ନଳବଣ ନିରିଜନେ ।

ଆଖି ଖୋଜୁଥାଏ ସାଥୀର ଠିକଣା ଅନ୍ତରଙ୍ଗତାର ତଟେ,
ମନଖୋଲା କଥା ବ୍ୟକ୍ତ କରିବାକୁ ମଉନରେ ନଈଘାଟେ ।
ଆଖି ଗଢୁଥାଏ କିର୍ତ୍ତି କୋଣାରକ ଅଛି ବୋଲି ସ୍ୱଚ୍ଛ ଦୃଷ୍ଟି,
କାଳର କାନ୍ଥରେ ଅଙ୍କାହେଉଥାଏ କୋଟିପୁଣ୍ୟ ରଙ୍ଗଝୋଟି ।

ଆଖି ଥାଇ ଅନ୍ଧ ଅନ୍ଧକାର ଘୋଟେ ଅତିଶୟ ସ୍ୱାର୍ଥ ଧାରେ,
ମନ୍ଥରା ପାପିନୀ ରାମ ରାଇଜରେ ମରଣ କବର ଖୋଳେ ।

ଜନାର୍ଦ୍ଦନପୁର ଶାସନ କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ଅଦୃଷ୍ଟ କାରିଗର

ସତରେ ଭାଗ୍ୟ ବୋଲି କିଛି ଅଛି ନା
କେଉଁ ଅଦୃଷ୍ଟ କାରିଗରର ମିଛ ଭୋଜବାଜି
ଯାହା ଭୋଗିବାର ଅଛି ଭୋଗିବାକୁ ହେବ
କେଉଁ ଅଭେଦ୍ୟ କବଚ କୁଣ୍ଡଳ
ଆଶା କରିନି କାହାଠାରୁ

କେଉଁଠି ହଜିଗଲା ପିଲାଦିନର ସେଇ
ରୂପସୀ ପୃଥିବୀଟା
କିଏ ଭାଙ୍ଗି ଦେଇଛି ତା'ର ସବୁତକ ସୋହାଗ
ପୋଛି ଦେଇଛି ମଥାରୁ ସିନ୍ଦୂର

ଏବେ ଖୁବ୍ ଅଶାନ୍ତ ସମୁଦ୍ରଟିଏ ମୋ ଭିତରେ
ମୋର ଇହ ଆଉ ପରକାଳକୁ ଆବୋରି
ମୋତେ ଜଣା ନାହିଁ ତାକୁ ଶାନ୍ତ କରିବାର ମନ୍ତ୍ର

ସ୍ୱପ୍ନ ଖଚିତ ଏ ସଂସାର
ଖାଲି ଆଖିକୁ ଲୁହ ଦିଏ

ନିଶବ୍ଦ ଛାଇରେ ଶବ୍ଦ ଗୁନ୍ଥୁଛି ଯେଉଁ ମାଳି
ମୁଁ ତାକୁ ଚିହ୍ନେ
ନଦୀରେ ଯାଉଛି ଯେଉଁ ଡଙ୍ଗା
ମୁଁ ତା' କୁ ଜାଣେ
ବଡ଼ି ଭୋରରୁ ପୃଥିବୀକୁ ଯିଏ ନିଦରୁ ଉଠେଇ ଦିଏ
ମୁଁ ତା'ର ଖୁବ୍ ପରିଚିତ

ମୁଁ କାହିଁକି କାନ ଡେରିଥାଏ
ଏକୁଟିଆ ପକ୍ଷୀର ଡାକକୁ
ସମୟ ଦେହରେ ଆଉଜି ମୁଁ ଶୁଣେ
ତା'ର କୋମଳ ଗାନ୍ଧାର
ସେଥିରେ କେତେ ଲୁହ ଅଛି
ମୁଁ ହିଁ କେବଳ ଜାଣେ
ମୋ ଦୁଃଖ ତକ ଗୋଳି ଦିଏ ତା' ରାଗ ସହ

ବର୍ଷାରେ ବତୁରି ଯିବାକୁ ଖୁବ୍ ଭଲ ଲାଗେ
ଦୁଃଖ ତକ ତା' ସୁଅରେ ଭସେଇ ଦେବାକୁ
କାନ ଡେରିବାକୁ ତା' ଆ ଆ ଡାକକୁ
ଦୂର ଅତୀତର ମନ ଉଲୁସା ସ୍ୱପ୍ନ ଭିତରେ ହଜି ଯିବାକୁ

ଆମେ କ'ଣ ଫେରିପାରିବା ନାହିଁ
ସେ ପିଲାଦିନ ଭିତରକୁ

ଭଙ୍ଗା କାନ୍ଥିରେ ଖେଳୁଥିବା ଖରା
ଓଲ୍ଲେହି ଗଲାଣି ତଳକୁ
ମନରେ ରଙ୍ଗ ଲଗେଇବାକୁ କେହି ନାହିଁ
ଖାଲି ଜୁଆରଭଟାର କେଇପଦ ଗୀତ ଯାହା

ଦୂର ପବନରେ ମିଳେଇ ଯାଇଛି
ପୂର୍ବ ରାଗିଣୀ ସବୁ
ଛାତି ତଳେ ଫାଙ୍କା ଜାଗାଟିଏ ଖାଲି ଖାଁ ଖାଁ
ନିଛାଟିଆ

ଦିନେ ଡାକିନେବ ଅମଡ଼ା ବାଟ
କେହି ସାଥିରେ ଯିବାକୁ ନ ଥିବେ
ଅଥୟ କରୁନଥିବ ପୁରୁଣା ମୁହାଁଶ
ଖାଲି ଯାହା ଅବସୋସରେ ଘାରି ହେବା
ଏଇଥିପାଇଁ ଯେ
ମୁଁ ଯାଉଛି ବୋଲି କହିପାରିଲିନି
ଖେଳାଲୋଳା ଖଞ୍ଜନାକ୍ଷୀକୁ ମୋର

**ହରିଶ୍ଚନ୍ଦ୍ର ବେହେରା**



ହେଇ ଶୁଭିଲାଣି ଆମ୍ବୁଲେନ୍ସର ସାଇରନ
ଆଗେ ତାକୁ ବାଟ ଛାଡ଼
ତାପରେ ମୋତେ ନେବ ମଶାଣିକୁ
କଥା ମାନ ମୋର ପ୍ରିୟ ମାଲଭାଇ ମାନେ
ସୁଖ ତକ ନେବତ
ଟିକେ ଉଛୁର ହେଲେ କେଉଁ ଗଳି ପଡୁଛି
ତୁମ ପାପୁଲିରୁ --!!

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ପ୍ରେମ କବିତା

**ଲତିକା ମହାପାତ୍ର**

ଛାଇ ଅଛି
ଅଛି ଶୀତଳତା
ଫୁଲର ଫସଲ ଅଛି
ଅଛି ପୁଣି ପଲ୍ଲବର ସବୁଜିମା
ଶୁଭୁଚି ଆମ ପରିଚିତ ପ୍ରିୟ ଗୀତ
ଲତା ମୁକେଶ ରଫି କି ଅକ୍ଷୟଙ୍କର..

ଏ ଭିତରେ ଦିନ ସରି ରାତି ସରି
ବିତିଗଲାଣି କେତେ ଯେ ସମୟ..

କେବେଠୁ ହାତ ଖସେଇ ଆସିଛି ତୋ
ହାତରୁ
ବଳି ପଡ଼ିବାକୁ ଆପଣା ଇଚ୍ଛାରେ..
ଖସେଇ ଆଣିଲି ସିନା
ସାଧ ମୋର କାଇଁ ଖସିବାକୁ
ଜମାଟ ବନ୍ଧା ଭାବର ବହଳ ଆବରଣରୁ

ଜହ୍ନ ଆଲୁଅରୁ
ଉଷୁମ ଲୁହ ଟୋପାରୁ
ଯାଃ ତୁ ଭାରି ଇଏ ଗୋଟେ

ଆଉ କି ହେଉଛି ଫେରି
ପାଣି ପରି ପ୍ରଖର ସୁଅ ସମୟର

କୋଉ ପଥର ସନ୍ଧିରେ ଅଟକିଛି ମୋ ଭାଗ୍ୟ
ହାତ ବନ୍ଧା ଗୋଡ଼ ବନ୍ଧା
ଏବ ଏବକୁ ମନ ବି ଛନ୍ଦି ହେଉଛି ଚିନ୍ତାର ଶିଙ୍କୁଳିରେ

ଛାଇ ଛାଇ ଆଲୁଅରେ ତୋରି କଥା ଭାବୁଛି
ତୋରି କଥା
ଆମ ଅଳ୍ପ ଅଳ୍ପ ଗଳ୍ପର ଗଭୀରତା ସମୟର ସୀମାନ୍ତରେ

ଭାବୁଛି କେବେ ଆଉ ତୋ ଠୁ ଦୂରେଇ ପାରିଚି ?
ଖୁବ କୋଳାହଳ ଓ କଳଙ୍କ ଚାରିପଟେ !



ବିରହର ଅସରନ୍ତି ଋତୁଟିଏ ମୁଁ
ତୋରି ପାଇଁ ପ୍ରେମ କବିତା ଲେଖୁଚି.
ଉହୁଁ ଲେଖି ହେଇଯାଉଛି ।

@mohapatra.latika (c)
ତାଳଚେର

## ନିଜକୁ ବନ୍ଦୀ କରି

**ସ୍ନିଗ୍ଧା ପଣ୍ଡା**



ଅଛି ନାହିଁ ସନ୍ଧି କ୍ଷଣେ ଯେଉଁ ଦିନ ତୁଟିବ ମାୟା
ସେ ଦିନ ବି ଯଦି ଆସିବୁ ନାହିଁ
ମୁଁ ତୋର ମନେ ପଡିବି ନାହିଁ
କେଉଁ ଭରସାରେ ଜଗିବି ବାଟ
କେଉଁ ଘାଟରେ ବି ନ ହେଲେ ଭେଟ
ତୁ- କହିଥିବା କଥା ସତ ବୋଲି ଭାବିବି କିଆଁ ?

ହୃଦପଟେ ଆଙ୍କି ଝୁରିବି ଯଦି ମୁଁ ଛବି ତୋହର
ଗଡ଼ି ଗଲା ବେଳେ ପ୍ରହର ମାନ
ଯଦି ଶୂନ୍ୟ ହୋଇ ନିଃସର୍ତ୍ତ ପଣ
ଅଶ୍ରୁ ପାତେ ଝରି ଗଲେ କାମିନୀ
ବାଟ ଜଗି ଯଦି ଫେରେ ଯାମିନୀ
ଏବେ ନାହୁଁ ଯଦି ଆଉ ଜନ୍ମକୁ ଭରସା କା'ର ?

ଯେତେବେଳେ ସଞ୍ଜ ପୁଲକିତ ହୁଏ ଚୈତ୍ର ଛୁଆଁରେ
ଫୁଲରେ ଅଜଣା ମହକ ଖୋଜି
କେମିତି ସେଥିରେ ଯାଏ ମୁଁ ହଜି

ପଡୁଥାଏ ପଛେ ହଜାରେ ରାଣ
ବିଶ୍ୱାସ କାହିଁକି ହୁଏନା ଟାଣ
ଅଦୃଷ୍ଟ କି ମତେ ଛନ୍ଦି ଦେଉଥାଏ ମୁକ୍ତି ନାଆଁରେ
ଚାଲିବା ଏମିତି ରଖିଥାଏ ମୋର ପାଦକୁ ଧରି

କେତେ ବାଟ ଅଛି କେତେ ଗଲାଣି
ଋତୁ ଆସେ ଯାଏ ପାରେନା ଜାଣି
ଥରକୁ ଥର ମୋ ଜିଇଁବା ସରେ
ତଥାପି ଥାଉ ତୁ ଅନେକ ଦୂରେ
ସନ୍ଧିର ସର୍ତ୍ତ କି ପାଳିବାକୁ ହୁଏ ନିଜକୁ ବନ୍ଦୀ କରି

ମୋ-୯୮୬୧୩୨୩୬୫୦

## ଜୀବନ ସଙ୍ଗୀତ

**ପ୍ରଣୀତା ମିଶ୍ର**

ଜୀବନ ଲେଖୁଛି ପ୍ରେମର ସଙ୍ଗୀତ
ସ୍ମୃତି ନଉକାର ଧାରେ
ଦୁଃଖ ବେଦନା ଯାତନାର ଅଶ୍ରୁ
ଜାକିଦେଇ ଛାତିତଳେ ।।
ସ୍ମୃତି ବେଳାପରେ କେତେ ପଦଚିହ୍ନ
କେତେ ଯେ ଶାମୁକା ମୋତି
ରଖିଛି ସାଇତି ସୁନା ଫରୁଆରେ
ହୃଦୟ ଝଙ୍କାର ଗୀତି ।।
ବସନ୍ତ ହସୁଛି ମଳୟ ବହୁଛି
କୋଇଲି ଗାଉଛି ଗୀତ
ଆମ୍ବ ବଉଳର ମହକରେ ଖୋଜେ
ନିଜର ପରାଣ ମିତ ।।
ଜୀବନର ଫର୍ଦ୍ଦ ଲେଉଟି ଚାଲିଛି
ଖସୁଛି ସିନା ଆୟୁଷ
ତଥାପି ମନରେ ଅସୁମାରୀ ଆଶା



ଅନ୍ତରେ ଭରା ପୀୟୂଷ ।।
ମନ ତ ଗୋଟିଏ କାଗଜ ନଉକା
ଅନାୟାସେ ଯାଏ ଭାସି
ସ୍ନେହ ପ୍ରେମ ପ୍ରୀତି ଆଦର ସନ୍ଧାନେ
ବୁଲୁଥାଏ ଦିବା ନିଶି ।।
ମନ ତ ମାନେନା ବୁଝି ବି ବୁଝେନା
ସେ ତ ବାବନା ଚଢ଼େଇ
ଏ ଡାଳ ସେ ଡାଳ ବୁଲୁଥାଏ ଡେଇଁ
ଗଗନେ ଚନ୍ଦ୍ର ତୋଳଇ ।।
ବୟସର ମାପ ଅଜଣା ମନକୁ
ଜାଣଇ ସିନା ଶରୀର
ମରଣ ଶେଯରେ ଖୋଜୁଥାଏ ସୂତ୍ର
ଦୀର୍ଘ ଏକ ଜୀବନର ।।
ଜୀବନର ସଂଜ୍ଞା ଅତୀବ କଠିନ
ଖୋଜିଲେ ମିଳଇ ନାହିଁ
ପ୍ରେମ ପ୍ରୀତିଭରେ ଜିଇଁବା ଆଜିରେ
କାଲି କଥା ଭୁଲିଯାଇ ।।

ଭୁବନେଶ୍ୱର

## ଭଗ୍ନଶିଳାର ଆତ୍ମକଥା

**ଟୁକୁ ବାରିକ**

ନଗ୍ନ ନଟୀର ଛନ୍ଦମୟ ନୃତ୍ୟ,
ରୁଣୁଝୁଣୁ ତା' ନୂପୁରର ଶବ୍ଦ
ତଥାପି ଚାଲିବାକୁ ବିଶ୍ୱାସ ଦେଉଛି
କେତେ ଯେ ଅବଶ ପାଦକୁ
କ୍ଲାନ୍ତ ମନ ଚେଷ୍ଟାକରୁଛି
ହେବ ମନପବନ ଘୋଡ଼ା
ଆହତ ହୃଦୟ ପୁନଶ୍ଚ ଶୁଣୁଛି ପ୍ରଣୟ ରାଗିଣୀ
ଅସଜଡ଼ା ସ୍ମୃତିସବୁ
ଯୋଡ଼ିହେବାର ସାହସ ବାନ୍ଧୁଛନ୍ତି......ll

କ୍ଷୁର୍ଣ୍ଣ ରଥଚକର ସୂକ୍ଷ୍ମ ଅଖସବୁ
ବୃଦ୍ଧ ଅଶ୍ୱମାନଙ୍କର କ୍ଷତାକ୍ତ ଟାପୁ
ପ୍ରଶଂସାରେ ପୋଡ଼ି ହୋଇପଡ଼ନ୍ତି
ଉତ୍କଳୀୟ ଶିଳ୍ପୀକୂଳ ସବୁ,
ଭାଷା ସାହିତ୍ୟ ସମୃଦ୍ଧ ହୋଇପାରିଛି ଯଥେଷ୍ଟ
ଉତ୍ତର ପିଢ଼ିର କାରିଗର ଖୋଳୁଛି ତା'
ପୂର୍ବପୁରୁଷକୁ
ନୂଆ ଶିଳାଖଣ୍ଡମାନେ ମନାସୁଛନ୍ତି
ପୁରୁଣା ନିହାଣର ପ୍ରହାରକୁ....ll

ସଂଜ ନଇଁଗଲା ପରେ,
ପ୍ରତ୍ୟେକ ଜୀବଜଗତ
ନିଜନିଜ ନିଡ଼କୁ ଫେରିଯିବାପରେ
ଭଗ୍ନଶିଳା କହୁଛି ତା'ର ଆତ୍ମକଥା
'ମୋ ଦେହରେ ଖୋଦିତ ହୋଇଥିବା ଚରିତ୍ର,
ଲେଖା ପାଇଥିବା ଭାଷା, ମୋର ନୁହେଁ
ସେ ସବୁ ବାର ଶହ ବଢେଇମାନଙ୍କର ଜୀବନ
ଗାଥା'll

ଧର୍ମଦେବ କପଟ କଲେ
ଅଥବା ମହାରାଜା ଠକି ଦେଲେ
ଆଶା ଥିଲା
ସୂର୍ଯ୍ୟଦେବ ମୋ ଉପରେ ବିରାଜମାନ ହେବେ
ସୁମନ ଋଷିକନ୍ୟା ପୁନର୍ଜନ୍ମ ପାଇବେ
ସହସ୍ର ସହସ୍ର ବର୍ଷ ଅତିକ୍ରାନ୍ତ,
ଭଗ୍ନ ଓ କ୍ଷୀଣ ମୁଁ
ସବୁ ରାତିରେ ବ୍ୟଥିତ କରୁଛି ମୋତେ
ଚନ୍ଦ୍ରଭାଗାର ଆହତ ସ୍ୱର.....ll



ଉପ ନିର୍ଦ୍ଦେଶକ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି,
ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ
ବିଭାଗ, ଭୁବନେଶ୍ୱର

## ଅନ୍ୟ ବେଳ


**ରଶ୍ମି ମହାପାତ୍ର**

ଅନ୍ୟ ପୂର୍ଣ୍ଣିମାଂକ ପରି
ସମୁଦ୍ର ବିକ୍ଷୁବ୍ଧ ଲାଗୁନି ଆଜି
ମଉନ ମେଘଂକ ପଛେ
ଜହ୍ନ କେଜାଣି କାହାଠୁ ଲୁଚିଛି
ବାତ୍ୟାକ୍ଲିଷ୍ଟ ଝାଉଁବଣ
ପାଦଶବ୍ଦ ବାରିପାରୁନାହିଁ
କାହାର ଜିଦିଆ ଡାକ
ସେ ଆଡକୁ ଟାଣିନିଏ
ହାତ ଛାଡୁନାହିଁ

ଆସିବକି ଉଲ୍ଲାସର
ରୁଣୁଝୁଣୁ ନିର୍ଜନତା ଆଡେ
ସରିଯାଉଥିବା ଦେହ
ଲିଭିଆସୁଥିବା ମନର ଆଲୁଅକୁ ନେଇ ?
ଶାମୁକା ଖୋଳରେ
ମୁକ୍ତା ଖଂଜିବାର ବେଳକୁ ଖୋଜିବା

ବଂଚିଥିବା ଟିକକ ବଳ କୌଶଳ ଖଟାଇ
ଢେଉ ଢେଉ ଖେଳିବା
ତୀବ୍ରତର ଜୁଆର ଗଢିବା

ବୟସର ଶୀତଳ ସ୍ପର୍ଶରେ
ବରଫେଇଯିବା
ପୁଣି ତରଳିବା
ବାମ୍ଫେଇବା
କେତେକାଳୁ ଚାପି ରଖିଥିବା
ଉଷ୍ମ ନିଶ୍ୱାସରେ,
ମେଘର ଛାତରୁ ଧୀରେ ଓହ୍ଲାଇବା
ନିଛାଟିଆ ବେଳାଭୂମି ଠିକଣା ପଚାରି,
ଝାଉଁବଣ ଜହ୍ନରାତି
କୈଫିୟତ ମାଗିବା ପୂର୍ବରୁ
ଗୋଟିଏ ଗୋଟିଏ ଚାଲି
ଯିଏ ଯାହାଘରକୁ ଫେରିବା ।



ମୁମ୍ବାଇ
ସଂ- ୯୩୨୪୯୬୮୭୮୯

## ନିଦାଘ ସୁନ୍ଦରୀ

**ଅନୀତା ପାଣି**

ଖରାର ପ୍ରକୋପ ବଢେ ଯେତେ ଯେତେ
ଅପରୂପା ଲାଗୁ ସେତେ,
ନିଦାଘ ସୁନ୍ଦରୀ ଲାଗୁ କୃଷ୍ଣଚୂଡା
ଏ ରଙ୍ଗ ଦେଲା କେ ତୋତେ ।

ପଥ ଦୁଇ ଧାରେ ନାଳି ଗୁଲୁଗୁଲୁ
ଚିକିମିକି ହସ ଦେଖି,
ନଗରେ ନାଗର ବୁଲିବୁଲି ଚାହେଁ
ଫେରାଇ ପାରେନା ଆଖି ।

ଯେତିକି ଖରାର ଦାଉ ବଢୁଥାଏ
ସେତିକି ଫିଟେ ତୋ ରଙ୍ଗ,
ଖରା ସଙ୍ଗେ ତୋର ଅଭେଦ ପୀରତି
ଦେହରେ ମାତେ ତରଙ୍ଗ ।

ଝାଉଁଳା ମାନସେ ସତେଜ ପରଶ
ଦେଉଛୁ ନିଦାଘ କାଳେ,
ତୋ ରଙ୍ଗ ପାଖୁଡା ଉଜ୍ଜ୍ୱଳତା ଦେଖି
ଗାଆଁ ଗୋରୀ ଭାରି ଜଳେ ।

ଶୁଖିଲା ଓଠରେ ହସ ଧାରେ ଆଙ୍କି
ଅଟକାଇ ଦେଉ କ୍ଷଣେ,
ତୋ ରୂପ ଚାତୁରୀ ମୋହମୂର୍ଚ୍ଛନାରେ
ବଞ୍ଚିତ ନୁହନ୍ତି ଜଣେ ।

ଘନ ବନାନିରେ ବାରି ହୋଇପଡେ
ରୂପସୀ କୁଆଁରୀ ରୂପ,
ଲାଲିମା ରଞ୍ଜିତ ଓଠଧାରେ ତୋର
କୁହୁକିନୀ ହସ ଲେପ ।

ମଳୟର ତାଳେ ଦୋଳି ଝୁଲେ ଯେବେ
ମତୁଆଲୀ ତୋର ତନୁ,
ବିଭୋରତା ଭରେ ଶୂନ୍ୟ ମୋ ହୃଦୟେ
ପାଶୋରି ନ ପରେ ମନୁ ।



ପଦ୍ମେଶ୍ୱୟ, ସୌଭାଗ୍ୟ ନଗର,
ଅନୁଗୋଳ, ୮୩୨୭୭୦୫୯୭୦

## ତୁମେ ଏମିତି ଜଳୁଥାଅ

**କମଳିନୀ ମଲ୍ଲିକ୍**

ମୋ ମଥା ଉପର ଆକାଶରେ
ମୁଁ ଏମିତି ପଦ୍ମ ପରି ଢଳଢଳ ହେଉଥିବି
ପୁଷ୍କରିଣୀର ସ୍ଥିର ଜଳରେ
ମୋ ସୌନ୍ଦର୍ଯ୍ୟ ଓ ସୌକୁମାର୍ଯ୍ୟର
ଗାରିମା ପଣରେ ॥

ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି କୃଷ୍ଣଚୂଡ଼ା ପରି
ମାଖି ହୋଇ ବହଳ ରଙ୍ଗରେ
ଯେତେ ଅଲୋଡ଼ା, ଅନାଦରକୁ ଆଡ଼େଇ
ନିର୍ଭୟରେ ଠିଆ ହୋଇଥିବିଏକାକୀ
ଜୀବନର ରାସ୍ତା କଡ଼ରେ ॥


ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି ବଉଳର ବାସ୍ନା ହୋଇ
ଚହଟି ଯାଉଥିବି
ଚଇତାଳିର ଉଚ୍ଚାଟ ବେଗରେ
ପୋଛି ଦେଇ ଦେହର ଉତ୍ତାପ
ମିଠା ମିଠା ମତୁଆଲା ଆବେଗରେ ॥

ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି କୋଇଲି ପରି
ଗାଉଥିବି ପଞ୍ଚମ ତାନରେ
ସାଥୀ ଓ ପ୍ରୀତି ପାଇଁ
ଅପେକ୍ଷାର ବାସନ୍ତିକ ବନରେ ॥

ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି ନଦୀ ପରି
ଶୁଖି ଯାଉଥିବା ଦୁଃଖରେ
ଶୋଷିତ ହେଉ ହେଉ
ଅବାରିତ ଧାରା ହୋଇ
ଝରି ପଡୁଥିବି ଶ୍ୟାମଳ ସୁଖରେ ॥

ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି ପାଟୁଆ ପରି ଚାଲୁଥିବି
ଝାମୁନିଆଁର ରଡ ଅଙ୍ଗାରରେ
ବିଶ୍ୱାସର ଦୃଢ ପଦପାତରେ
ପୂର୍ଣ୍ଣ ହେଉଥିବ ମାଗୁଣି ଓ ମାନସିକ
ଜୀବନର ଶୂନ୍ୟ ପାତ୍ରରେ ॥

ତୁମେ ଏମିତି ଜଳୁଥାଅ
ମୋ ମଥା ଉପର ଆକାଶରେ
ମୁଁ ଏମିତି ତୁଳସୀ ପରି
ଉଭା ହୋଇଥିବି ଅଭୟ ମୁଦ୍ରାରେ
ଇପ୍ସିତ ଅଗଣାରେ
ଏକ ସମର୍ପିତ ଭାଗ୍ୟ ଓ ଭବିତବ୍ୟକୁ
ଯାଚନା ଓ ପ୍ରାର୍ଥନାର ଅନାହତ ନାଦରେ
ଶୀତଳାଇ ଯେତେ ଦେହ ଦହଗଞ୍ଜ
କେରାଏ ସବୁଜିମାର ଦିବ୍ୟ ମହକରେ ॥



ଭୁବନେଶ୍ୱର
ମୋ - ୯୮୫୩୫୨୩୮୮୩





# ହତାଶ ଓଡିଶା ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ଆସିଛନ୍ତି ଶାହା : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୃହମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହା ଜାଣନ୍ତି ଯେ ଓଡ଼ିଶା ବିଜେପି ନେତାମାନେ ସେମାନଙ୍କ ଅପାରଗତା ଏବଂ ସେମାନଙ୍କ ଉପରେ ଲୋକଙ୍କ ବିଶ୍ୱାସର ଅଭାବ ଯୋଗୁଁ ନିୟମିତ ବିଫଳ ହେଉଛନ୍ତି। ଏହି ନିର୍ବାଚନରେ ହାରିବା ପ୍ରାୟ ନିଶ୍ଚିତ ଥିବା ଜାଣି ଅତ୍ୟଧିକ ନିରାଶ ହୋଇପଡିଥିବା ଓଡିଶାର ବିଜେପି ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ସେ ଆସିଥିବା କହିଛନ୍ତି ବିଜେଡି ନେତା ଭୃଗୁ ବକ୍ସିପାତ୍ର। ଶ୍ରୀ ବକ୍ସିପାତ୍ର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଗତ ୨୪ ବର୍ଷ ରେ ସମଗ୍ର ଦେଶରେ ବିକାଶର ମଡେଲ ପାଲଟିଛି। ବିପର୍ଯ୍ୟୟ ପରିଚାଳନାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସୁରକ୍ଷା, ରୋଜଗାର, ଶିକ୍ଷା ଓ କୃଷକ କଲ୍ୟାଣ ପର୍ଯ୍ୟନ୍ତ ଓଡ଼ିଶା ଶାସନ ମଡେଲକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି। କେନ୍ଦ୍ର ସରକାର ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ, ଗ୍ରାମୀଣ ଗୃହ ନିର୍ମାଣ, ବିତ୍ତୀୟ ପରିଚାଳନା ଏବଂ ଜଳ ଯୋଗାଣ ଭଳି ଅନେକ ଲୋକାଭିମୁଖୀ ଯୋଜନା ପାଇଁ ଓଡିଶାକୁ ପୁରସ୍କାର/ପ୍ରଶଂସା କରିଛନ୍ତି। ଭାରତର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ କିଏ ତାହା ଆଜି ସମଗ୍ର ଦେଶ ଜାଣିଛି। ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ପରେ ସର୍ଭେରେ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ମାନ୍ୟତା ମିଳିଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯିଏ କେନ୍ଦ୍ର ସରକାରଙ୍କ ସଂସ୍ଥାର ତଥ୍ୟ ଅନୁଯାୟୀ କୃଷକଙ୍କ ଆୟ ଦ୍ୱିଗୁଣିତ କରିଛି। ବିଜେପି ଶାସିତ କୌଣସି ରାଜ୍ୟ ଏହା କରିବାରେ ସକ୍ଷମ ହୋଇନାହାନ୍ତି। କେନ୍ଦ୍ରୀୟ ସଂସ୍ଥାର ତଥ୍ୟ ଅନୁଯାୟୀ ଓଡ଼ିଶାରେ ବେକାରୀ ହାର ଦେଶରେ ସର୍ବନିମ୍ନ। ଦେଶର ଅଧିକାଂଶ ବିଜେପି ଓ କଂଗ୍ରେସ ଶାସିତ ରାଜ୍ୟରେ ବେକାରୀ ହାର ବହୁତ ଅଧିକ ରହିଛି। ମିଶନ ଶକ୍ତି ଜରିଆରେ ନବୀନ ପଟ୍ଟନାୟକ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି, ଯେଉଁମାନେ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଦେଶରେ ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ଏକ ମଡେଲ ପାଲଟିଛି, ଯାହାକୁ ବିଜେପି ଶାସିତ ରାଜ୍ୟଗୁଡ଼ିକ ନକଲ କରୁଛନ୍ତି। ନବୀନ ପଟ୍ଟନାୟକ ସରକାର ସଶକ୍ତୀକରଣର ଏକ ଅଂଶ ଭାବରେ ମିଶନ ଶକ୍ତି ମହିଳା ଗୋଷ୍ଠୀକୁ ବିଦେଶ ଗସ୍ତରେ ପଠାଇବା ପାଇଁ ଏକ ପଦକ୍ଷେପ ନେଇଥିଲେ। କିନ୍ତୁ ଓଡ଼ିଶା ବିଜେପି ନେତାମାନେ ଏହାକୁ ସହ୍ୟ କରିନପାରି ବନ୍ଦ କରିଦେଇଥିଲେ। ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଓଡ଼ିଶାର ବିଏସକେୱାଇ ଏକ ରୋଲ୍‌ମଡେଲ। ଓଡ଼ିଶା ବିଜେପି ଏହି ବିଏସକେୱାଇ କାର୍ଯ୍ୟକ୍ରମକୁ ବନ୍ଦ କରି ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛି। ୫ଟି ବିଦ୍ୟାଳୟ ରୂପାନ୍ତରଣରେ ଓଡ଼ିଶା ୭୦୦୦ରୁ ଅଧିକ ବିଦ୍ୟାଳୟକୁ ସ୍ମାର୍ଟ କ୍ଲାସରୁମ୍, ସ୍ମାର୍ଟବୋର୍ଡ, ଅତ୍ୟାଧୁନିକ ଲ୍ୟାବ୍, ଡିଜିଟାଲ୍ ଲାଇବ୍ରେରୀ ଇତ୍ୟାଦିରେ ପରିଣତ କରିଛି। ୫ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ବୋର୍ଡ ଇତ୍ୟାଦି ଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଏବେ ବି ବ୍ଲାକ୍ ବୋର୍ଡ ରହିଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ଦେଶର ଶ୍ରେଷ୍ଠ ଆର୍ଥିକ ପରିଚାଳିତ ରାଜ୍ୟ। ତଥାପି ଓଡ଼ିଶା ବିଜେପି ରାଜନୈତିକ ଫାଇଦା ପାଇଁ ତାହାର ସମାଲୋଚନା ଜାରି ରଖିଛି। ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯେଉଁ ପରିବର୍ତ୍ତନମୂଳକ ବିକାଶ ହୋଇଛି ଏଗୁଡ଼ିକ ତାହାର ହେଉଛି କିଛି ଉଦାହରଣ, ଯାହାକୁ ସମଗ୍ର ଦେଶ ଜାଣିଛି। ଲୋକଙ୍କ ଭଲପାଇବା ହିଁ ନବୀନ ପଟ୍ଟନାୟକ ଓ ବିଜେଡିକୁ ପ୍ରୋତ୍ସାହିତ କରୁଛି। ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ବିପୁଳ ସଂଖ୍ୟାଗରିଷ୍ଠତା ସହ ମୁଖ୍ୟମନ୍ତ୍ରୀ ଭାବେ ଆଶୀର୍ବାଦ ଦେବା ଏବଂ ଓଡ଼ିଶାରୁ ଲୋକସଭାକୁ ସର୍ବାଧିକ ଆସନ ଦେବାକୁ ଓଡ଼ିଶାବାସୀ ମନ ସ୍ଥିର କରିସାରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

# ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକରୁଛି ସ୍ୱତନ୍ତ୍ର ୟୁନିଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ କାରଣରୁ ଦିନକୁ ଦିନ ବୃଦ୍ଧି ଘଟୁଥିବା ହିଟ୍ ଷ୍ଟ୍ରୋକ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ କାର୍ଯ୍ୟକାରୀ ହୋଇଛି। ଅସହ୍ୟ ଗ୍ରୀଷ୍ମ କାରଣରୁ ଦେଖାଯାଉଥିବା ସନ୍ ଷ୍ଟ୍ରୋକ୍ ତଥା ଅନ୍ୟାନ୍ୟ ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏମ୍ସରେ ଏହି ଉତ୍ସର୍ଗୀକୃତ ୟୁନିଟ୍ କାର୍ଯ୍ୟ କରିବ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ତଥା ଏନେଇ ସୃଷ୍ଟି ହେଉଥିବା ସମ୍ଭାବ୍ୟ ଆପତକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ବିଶେଷ ସହାୟକ ହେବାନେଇ ଆଶାବ୍ୟକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଆବଶ୍ୟକୀୟ ଚିକିତ୍ସା ସୁବିଧା ସହିତ ବିଭିନ୍ନ ବିଭାଗର





ଡାକ୍ତରଙ୍କ ପକ୍ଷରୁ ଏହି ୟୁନିଟ୍‌ରେ ସେବା ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ସେହିପରି ପ୍ରଖର ଖରାରେ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବାକୁ ସେ ପରାମର୍ଶ ଦେଇଛନ୍ତି। ଜରୁରୀ ପରିସ୍ଥିତିରେ ଦିନବେଳା ବାହାରକୁ ଯିବା ସମୟରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଯେପରିକି ସାଙ୍ଗରେ ଛତା, ଓଦା ଗାମୁଛା କିମ୍ବା ଟାୱେଲ୍ ଏବଂ ପାଣି ବୋତଲ ଭଳି ସାମଗ୍ରୀ ନେବାକୁ ଡ. ବିଶ୍ୱାସ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ଆୟୁଷ ବିଭାଗରେ କାର୍ଯ୍ୟକ୍ଷମ ଛଅ ଶଯ୍ୟା ବିଶିଷ୍ଟ ଏହି ସ୍ୱତନ୍ତ୍ର ହିଟ୍ ଷ୍ଟ୍ରୋକ ୟୁନିଟ୍ ଗତ ସପ୍ତାହରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ସ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏଯାବତ ଏମ୍ସ ଭୁବନେଶ୍ୱର ପକ୍ଷରୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସନ୍ ଷ୍ଟ୍ରୋକ୍ ପିଡ଼ୀତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଗଲାଣି। ଜେନେରାଲ୍ ମେଡିସିନ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି ଏବଂ ଆୟୁଷ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକରେ ଏହି ୟୁନିଟ୍‌ର ସଫଳ ପରିଚାଳନା କାର୍ଯ୍ୟଶୈଳୀ ପ୍ରସ୍ତୁତି ସୁନିଶ୍ଚିତ କରାଯାଇଥିଲା।

ମେଡିସିନ୍ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ ବେହେରାଙ୍କୁ ହିଟ୍ ଷ୍ଟ୍ରୋକ ୟୁନିଟ୍‌ର ନୋଡାଲ୍ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଏହି ୟୁନିଟ୍‌ରେ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆରଏସ ଆଦି ଗଚ୍ଛିତ ରଖାଯାଇଛି। ସେହିପରି ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀ କର୍ମଚାରୀମାନେ ସଜାଗ ଅଛନ୍ତି।

## ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ

# ନିର୍ବାଚନୀ ଭିଡ ଭିତରେ ରକ୍ତଦାନ କଲେ ପ୍ରଣବ ପ୍ରକାଶ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଚଳିତ ଗ୍ରୀଷ୍ମ ଋତୁ ତଥା ବର୍ତ୍ତମାନର ନିର୍ବାଚନୀ ମାହୋଲରେ ସବୁ ଦଳ ବ୍ୟସ୍ତ ଥିବା ବେଳେ ସମ୍ବଲପୁରରେ ଉକ୍ରଟ ରକ୍ତାଭାବକୁ ଲକ୍ଷ୍ୟ କରି ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ସୌଜନ୍ୟରୁ ଏକ ଜରୁରୀକାଳୀନ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଏହି ଶିବିରରେ ନିଜେ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ରକ୍ତଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ପ୍ରତିଟି ଜୀବନ ମୁଲ୍ୟବାନ' ଉକ୍ତିକୁ ସାର୍ଥକ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜୁ ଜନତା ଦଳ ସବୁ ସମୟ ଅସମୟରେ ଲୋକଙ୍କ ସହ ରହେ ଏହା ଶ୍ରେଷ୍ଠ ପ୍ରମାଣ। ଏହି ଶିବିରରେ ଅତିଥି ଭାବେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ, ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ଛାତ୍ର ସଭାପତି ସୁଭ୍ରାଂଶୁ ପାଢ଼ୀ, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜିକା କବିତା ପୁରୋହିତ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ, ସମ୍ବଲପୁର ଜୋନ୍ ସାଧାରଣ ସଂପାଦକ ସୁଧିର ପଣ୍ଡା, ସମ୍ବଲପୁର ନିର୍ବାଚନୀ କୋର୍ଡିନେଟର ଦେବୀ ଲେଙ୍କା, ଜିଲ୍ଲା ଯୁବ ଉପସଭାପତି ମଞ୍ଜୁ ଓରାମ, ଜିଲ୍ଲା ଯୁବ ସମ୍ପାଦକ ଉତ୍ତମ ବାଗଙ୍କ ସହ ଅନ୍ୟ ସମସ୍ତ ନେତୃବୃନ୍ଦ ସହଯୋଗ କରିଥିଲେ।

## ମୋରଡ଼ାରେ କଂଗ୍ରେସର ମିଶ୍ରଣ ପର୍ବ

**ବାରିପଦା, ନ୍ୟୁଜ ବ୍ୟୁରୋ**

ନିର୍ବାଚନ ଯେତେ ପାଖେଇ ଆସୁଛି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ଜିଲ୍ଲାର ଏକ ମାତ୍ର ଅଣ ସଂରକ୍ଷିତ ମୋରଡ଼ା ନିର୍ବାଚନ ମଣ୍ଡଳୀରେ ମଧ ଦଳଡ଼ିଆଁ ଦେଖିବାକୁ ମିଳିଛି। ଗୁରୁବାର ମୋରଡ଼ା ନିର୍ବାଚନ ମଣ୍ଡଳୀର କଲରାଫୁଲିଆ ଠାରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଯାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟଦଳର ୨୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ଯୋଗ ଦାନ କରିଛନ୍ତି। କର୍ମୀଙ୍କୁ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ତେବେ କଂଗ୍ରେସ ସଂଗଠନ ଦୁର୍ବଳ ଥିବାବେଳେ, ଧୀରେ ଧୀରେ ଏହା ପ୍ରଭାବ ବିସ୍ତାର କରିବାରେ ଲାଗିଛି। ତେବେ ଅନ୍ୟ ଦଳରେ ନେତାମାନଙ୍କ କର୍ମୀଙ୍କ ପ୍ରତି ବ୍ୟବହାରରେ ଅସନ୍ତୁଷ୍ଟ ହେଇ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦାନ କରିଥିବା କଥା କହିଛନ୍ତି କର୍ମୀ। ମିଶ୍ରଣ ପର୍ବରେ କଂଗ୍ରେସ ମୋରଡ଼ା ଅଧିକ ଶକ୍ତିଶାଳୀ ହେଉଥିବା ବେଳେ, ଫଳା ଫଳ ପରେ ଜଣାପଡ଼ିବ କିଏ ବିଜୟ ମୁକୁଟ ପିନ୍ଧୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରେ ହେଉଛି ...

ସୂଚନାଯୋଗ୍ୟ, ଆଗାମୀ ଲୋକସଭା ନିର୍ବାଚନ ପାଇଁ ଏଡିଆର କୌଣସି ଜମାକାରୀ ଖର୍ଚ୍ଚ ଆକଳନ ଯୋଗାଇବାକୁ ବାରଣ କରିଛି। ଶ୍ରୀ ରାଓ କହିଛନ୍ତି ଯେ ଦଳ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ପ୍ରଚାର ଖର୍ଚ୍ଚର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯେଉଁଥିରେ ରାଜନୈତିକ ସମାବେଶ, ପରିବହନ, କ୍ଷେତ୍ର ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମେତ କର୍ମୀ ନିଯୁକ୍ତି ତଥା ରାଜନୈତିକ ନେତାଙ୍କ ବିବାଦୀୟ ଘୋଡା କାରବାର ମଧ୍ୟ ରହିଛି।

## ଲୋକଙ୍କ ଅଭିଯୋଗର ...

ବିପୁଳ ସଂଖ୍ୟାରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ସଭାରେ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଜନଜାତି ଭାଇଭଉଣୀମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣମାନଙ୍କ ପାଇଁ ସେ ଦିନରାତି କାମ କରୁଛନ୍ତି। ଜନଜାତି କଳା ଓ ସଂସ୍କୃତିର ପ୍ରସାର ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆପଣମାନଙ୍କ ପିଲାମାନେ ଯେପରି ଭଲ ପାଠ ପଢି ଭଲ ମଣିଷ ହେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ୫-ଟି ସ୍କୁଲ ରୂପାନ୍ତର କରିଛନ୍ତି। ମହିଳା ସଶକ୍ତିକରଣ ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ଲୋକସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବିଜୁ ଜନତା ଦଳ ବହୁ ଆଗରୁ ଦାବି କରିଆସିଛି, ପଦକ୍ଷେପ ବି ନେଇଛି। ଆମର ୨୧ ସାଂସଦ ପ୍ରାର୍ଥୀରୁ ଆମ ମୁଖ୍ୟମନ୍ତ୍ରୀ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାମ ହିଁ କଥା କହେ। ମହିଳା ସଶକ୍ତିକରଣ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, କୋରାପୁଟ ଜିଲ୍ଲାରେ ଲକ୍ଷ୍ମୀ ବସ ଯୋଗୁ ୪ ଲକ୍ଷ ମା' ଉପକାର ପାଇଛନ୍ତି ବୋଲି ସେ କହିଥିଲେ। ସେହିପରି ଚାଷୀ ମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ଆର୍ଥିକ ସୁବିଧା ଦିଆଯାଉଛି, ଫସଲ ବୀମାର ପ୍ରିମିୟମ ରାଜ୍ୟ ସରକାର ଦେଉଛନ୍ତି ଓ ସେମାନଙ୍କୁ ମଧ୍ୟ ବିନା ସୁଧରେ ଋଣ ଦିଆଯାଇ ସଶକ୍ତିକରଣ କରାଯାଉଛି।

## ଓଡ଼ିଶାରେ ଭାଜପା ...

ସମୃଦ୍ଧି ଆସିନାହିଁ। ଓଡ଼ିଶାବାସୀଙ୍କୁ ଦାଦନ ଖଟିବା ପାଇଁ ମୁମ୍ବାଇ, ଗୁଜରାଟ, ଦିଲ୍ଲୀ, ବେଙ୍ଗାଲୁରୁ ଓ ପଞ୍ଜାବ ଯିବାକୁ ପଡୁଛି। ଶ୍ରୀ ଅମିତ ଶାହ ଲୋକଙ୍କୁ ବିଶ୍ୱାସ ଦେଇ କହିଛନ୍ତି ଯେ, ଓଡ଼ିଶାର ଲୋକେ ନବୀନ ପଟ୍ଟନାୟକଙ୍କ ସରକାରକୁ ହଟାଇ ବିଜେପି ସରକାର ଗଠନ କଲେ, କୌଣସି ଓଡ଼ିଶାବସୀଙ୍କୁ ସ୍ଥାନାନ୍ତର ହେବାକୁ ପଡିବନାହିଁ, ବରଂ ବାହାରୁ ଓଡ଼ିଶାକୁ ଶିଳ୍ପ ଆସିବା ପାଇଁ ବ୍ୟବସ୍ଥା କରାଯିବ। ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷ ବର୍ଷ ଧରି ଅଟକି ରହିଥିବା ପ୍ରସଙ୍ଗକୁ ସମାଧାନ କରିଛନ୍ତି। କଂଗ୍ରେସ ଦଳ ବର୍ଷ ବର୍ଷ ଧରି ରାମମନ୍ଦିର ପ୍ରସଙ୍ଗକୁ ଝୁଲାଇ ରଖିଥିଲା, କିନ୍ତୁ ଦେଶର ଲୋକେ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ କରିବା ପରେ ୫ବର୍ଷରେ ହିଁ ମାମଲାର ନିଷ୍ପତ୍ତି ଆସିଗଲା, ଭୂମି ପୂଜନ ହେଲା ଏବଂ ଭବ୍ୟ ରାମମନ୍ଦିର ବି ନିର୍ମାଣ ହୋଇ ପ୍ରସ୍ତୁତ ହେଲା। ଶ୍ରୀ ଶାହ କହିଛନ୍ତି ଯେ, ପୂର୍ବରୁ ପାକିସ୍ତାନରୁ ସବୁବେଳେ ଆତଙ୍କବାଦୀମାନେ ଆସି ବୋମା-ବିସ୍ଫୋରଣ କରି ଚାଲିଯାଉଥିଲେ, କିନ୍ତୁ ବିଜେପି ସରକାରରେ ଆତଙ୍କବାଦୀମାନେ ଉରି ଓ ପୁଲୱାମାରେ ଆକ୍ରମଣ କରିବାର ଭୁଲ କରିବାରୁ ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ ଏବଂ ଏୟାରଷ୍ଟ୍ରାଇକ କରି ଆତଙ୍କବାଦୀଙ୍କ ସଫା କରାଯାଇଥିଲା। ପ୍ରଧାନମନ୍ତ୍ରୀ ୮୦ କୋଟି ଗରିବଙ୍କୁ ପ୍ରତିମାସରେ ୫ କିଲୋ ଚାଉଳ ପ୍ରଦାନ କରୁଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର କହୁଛି ଯେ, ଖାଦ୍ୟାନ୍ନ ରାଜ୍ୟ ସରକାର ଦେଉଛନ୍ତି, ଯାହାକି ସମ୍ପୂର୍ଣ୍ଣ ମିଛ। କେନ୍ଦ୍ର ସରକାର ଦ୍ୱାରା ଦିଆଯାଇଥିବା ଚାଉଳକୁ ନିଜ ବ୍ୟାଗରେ ଦେବା କାର୍ଯ୍ୟ କରାଯାଉଛି। ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ କୋଟି ଗରିବଙ୍କ ଘରେ ଶୌଚାଳୟ ନିର୍ମାଣ କରିଛନ୍ତି, ୪କୋଟି ଘର ନିର୍ମାଣ କରିଛନ୍ତି, ୧୦ କୋଟି ମାଆ ଭଉଣୀଙ୍କୁ ଗ୍ୟାସ ସଂଯୋଗ ଦେଇଛନ୍ତି ଏବଂ ୧୪ କୋଟି ଲୋକଙ୍କ ଘର ଯାଏ ନଳ ଯୋଗେ ଜଳ ପହଞ୍ଚାଇବାର କାମ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ସାରା ଦେଶର ୬୦ କୋଟି ଗରିବଙ୍କୁ ୫ଲକ୍ଷ ଟଙ୍କା ଯାଏ ନିଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି। କିନ୍ତୁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲାଗୁ ହେବାକୁ ଦେଉନାହାନ୍ତି, କିନ୍ତୁ ବିଜେପି ବିଜୟୀ ହେଲେ ଓଡ଼ିଶାରେ ବି ୫ଲକ୍ଷ ଟଙ୍କା ଯାଏ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ। ବିଜେପି ସରକାର ଗଠନ ହେଲେ ଓଡ଼ିଶାରେ ଟେକ୍ସଟାଇଲ ମିଲ ନିର୍ମାଣ କରି କପା ଚାଷୀଙ୍କ ସହାୟତା କରାଯିବ ଏବଂ ମତ୍ସ୍ୟ ପାଳନ କଲେଜ ନିର୍ମାଣ କରି ସମସ୍ତ ମତ୍ସ୍ୟଜୀବୀଙ୍କୁ ଆଗକୁ ବଢାଇବାର କାମ ବି କରାଯିବ। କୃଷି ଆଧାରିତ ଶିଳ୍ପ ଓ ଆୟୁର୍ବେଦିକ ଔଷଧ କାରଖାନା ଖୋଲି ଚାଷୀଙ୍କୁ ସମୃଦ୍ଧ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ କାଶୀ ପରି ପୁରୀର ମଧ୍ୟ ବିକାଶ କରାଯିବ। ଶ୍ରୀ ଶାହ କହିଛନ୍ତି ଯେ ଓଡିଶାରେ ବିକାଶର ଅନେକ ସମ୍ଭାବନା ରହିଛି। ସାରା ଦେଶରେ ସବୁଠାରୁ ଅଧିକ ଖଣିଜ ସମ୍ପଦ ଓଡିଶାରେ ଅଛି ଓ ସବୁଠାରୁ ଅଧିକ ଦାରିଦ୍ର୍ୟ ମଧ୍ୟ ଓଡିଶାରେ ଅଛି। ହେଲେ ବିଜେପି ସରକାର ଗଠନ ହେବା ପରେ ଖଣିଜ ସମ୍ପଦର ଭଲ ବ୍ୟବହାର କରାଯାଇ ଆଦିବାସୀ ଲୋକ ମାନଙ୍କର ବିକାଶ ଓ ତାଙ୍କୁ ଆଗକୁ ବଢାଇବାର କାର୍ଯ୍ୟ ବିଜେପି ସରକାର କରିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ବିଜେପିର ସଭାପତି ମନମୋହନ ସାମଲ, ବଲାଙ୍ଗୀର ଲୋକସଭା ଆସନର ପ୍ରାର୍ଥୀ ସଙ୍ଗୀତା ସିଂହଦେଓ ଓ ଅନେକ ବିଧାନସଭା ପ୍ରାର୍ଥୀ ଓ ପାର୍ଟିର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବାର୍ଡ ଫ୍ଲୁ' ଚିହ୍ନଟ...

ଆଞ୍ଚଳିକ କୁକୁଡ଼ା ଫାର୍ମରେ ବାର୍ଡ ଫ୍ଲୁ' ଚିହ୍ନଟ ହେବା ପରେ କୁକୁଡ଼ା ସମେତ ୪୦୦୦ରୁ ଅଧିକ ପକ୍ଷୀଙ୍କୁ ମାରି ଦିଆଯିବା ସହିତ ଶହ ଶହ ଅଣ୍ଡାକୁ ନଷ୍ଟ କରି ଦିଆଯାଇଛି। ଏଥିସହିତ ଯେଉଁ ଅଞ୍ଚଳରେ ବାର୍ଡ ଫ୍ଲୁ' ଚିହ୍ନଟ ହୋଇଛି ସେଠାରୁ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ କୁକୁଡ଼ା କ୍ରୟ, ବିକ୍ରୟ ଏବଂ ପରିବହନ ସହିତ ଅଣ୍ଡା ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଛି। ବାର୍ଡ ଫ୍ଲୁ' ଚିହ୍ନଟ ହୋଇଥିବା ଅନ୍ୟ କୁକୁଡ଼ାମାନଙ୍କୁ ବୈଜ୍ଞାନିକ ଉପାୟରେ ନଷ୍ଟ କରାଯାଉଛି। ଏହାପରେ ସଂକ୍ରମିତ ଅଞ୍ଚଳରେ ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନର କାର୍ଯ୍ୟ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ରାପିଡ ରେସପନ୍ସ ଦଳ ଗଠନ କରାଯାଇଛି। ପ୍ରତିଦଳରେ ଜଣେ ଜଣେ ପଶୁଡାକ୍ତର ବି ରହିଥିବା ରାଞ୍ଚି ଡେପୁଟି କମିଶନର ରାହୁଲ କୁମାର ସିହ୍ନା କହିଛନ୍ତି।

## ହୋଟେଲରେ ନିଆଁ ...

ପ୍ରବଳ ପବନ ବହୁଥିବାରୁ ନିଆଁ ମଧ୍ୟ ଭୟାନକ ଥିଲା। ନିଆଁ ଆଖପାଖ ଅଞ୍ଚଳରେ ବ୍ୟାପି ନ ଯିବା ପାଇଁ ସତର୍କତା ଭାବରେ ବିଦ୍ୟୁତ୍‌କାଟ କରାଯାଇଥିଲା। ସୂଚନାଯୋଗ୍ୟ, ହୋଟେଲରେ ନିଆଁ ଲାଗିବା ପରେ ପାଟଣା ପ୍ରାଥମିକ ହସ୍ପିଟାଲରେ ୩୮ ଜଣଙ୍କ ଚିକିତ୍ସା ଚାଲିଥିବାବେଳେ ୪୫ ଜଣଙ୍କୁ ଉଦ୍ଧାର କରାଯାଇ ବାହାରକୁ ନିଆଯାଇଛି। ପାଟନାର କୋଟୱାଲି ଥାନା ଅଧୀନରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ପାଟନାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

## ଏବେ ହ୍ୱାଟ୍ସଆପ୍‌ରେ ...

ନ୍ୟାୟ ପାଇବା ସୁଗମ କରିବା ପାଇଁ ଏକ ନୂଆ ପଦକ୍ଷେପ ଆରମ୍ଭ କରିଛନ୍ତି ସୁପ୍ରିମକୋର୍ଟ। ଏହା ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇବ ଏବଂ କାଗଜ ସଞ୍ଚୟ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ସମ୍ବିଧାନର ଧାରା ୩୯(ବି)ର ବ୍ୟାଖ୍ୟା ଉପରେ ବିଚାର କରିବାକୁ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ବସିଥିବା ବେଳେ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଗୁରୁବାର ସକାଳେ ଏହି ଘୋଷଣା କରିଛନ୍ତି। ସୁପ୍ରିମକୋର୍ଟର ହ୍ୱାଟ୍ସଆପ ନମ୍ବରରୁ ଆଇନଜୀବୀମାନେ ମାମଲା ଦାୟର ସମ୍ପର୍କରେ ସ୍ୱୟଂଚାଳିତ ମେସେଜ ପାଇବେ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ଏତଦ ବ୍ୟତୀତ ଓକିଲମାନଙ୍କୁ ମୋବାଇଲରେ ଗୋଟିଏ ଦିନ ପାଇଁ ତାଲିକାଭୁକ୍ତ ମାମଲା ତାଲିକା ମଧ୍ୟ ଉପଲବ୍ଧ ହେବ।

## ଭୟଙ୍କର ଗ୍ରୀଷ୍ମ ...

ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ କେନ୍ଦୁଝରରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ଶନିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବ। ସେଥିପାଇଁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ପୁରୀ, କଟକ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଗ୍ରୀଷ୍ମ ଜାରି ହେବାର ସମ୍ଭାବନା ରହିଛି ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

## ନିର୍ବାଚନରେ ପ୍ରାର୍ଥୀ ...

ସେମାନଙ୍କର ଟିକେଟ୍ କଟିଯାଇଛି। ଏପରିକି ଥରେ ଦୁଇ ଥର ନୁହେଁ ପାଞ୍ଚ ପାଞ୍ଚ ଥର ନିର୍ବାଚିତ ହୋଇଥିବା ବିଧାୟକଙ୍କର ମଧ୍ୟ ଟିକେଟ୍ କଟିଛି। ବିଜେଡ଼ିରେ ଯେଉଁମାନଙ୍କୁ ପ୍ରାର୍ଥୀତ୍ୱରୁ ବଞ୍ଚିତ କରାଯାଇଛି ସେମାନଙ୍କ ସ୍ଥାନରେ ନବାଗତ, ଯୁବକ ଓ ମହିଳାଙ୍କୁ ପ୍ରାଧାନ୍ୟ ଦେଇ ଦଳ ପ୍ରାର୍ଥୀ କରିଛି। ଅନୁରୂପ ଭାବେ ବିଜେପି ଏବଂ କଂଗ୍ରେସରେ ଏକା ପ୍ରକାର ଅବସ୍ଥା ଦେଖିବାକୁ ମିଳିଛି। ଯେଉଁମାନେ ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ଏବେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରାର୍ଥୀ କରାଯାଇ ନାହିଁ। ସେମାନଙ୍କ ସ୍ଥାନରେ ନୂଆ ମୁହଁ ଓ ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ପ୍ରାର୍ଥୀ କରାଯାଇଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏବେ ମଧ୍ୟ ଚଳିତ ନିର୍ବାଚନ ପାଇଁ ବିଜେଡ଼ି, ବିଜେପି ଓ କଂଗ୍ରେସରେ ଆହୁରି ପ୍ରାର୍ଥୀ ଘୋଷଣା ବାକି ରହିଛି। ବିଜେଡ଼ିର ୬ଟି ବିଧାନସଭା ଆସନ, କଂଗ୍ରେସରେ ୯ଟି ଏବଂ ବିଜେପିର ୧୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରି ନାହିଁ। ଅନ୍ୟ ପକ୍ଷରେ ୨୪ ତାରିଖରେ ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲା ହିଞ୍ଜିଳି-ଶେରଗଡରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଥିବା ବେଳେ ୨୫ ତାରିଖ (ଗୁରୁବାର) କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପଶ୍ଚିମ ଓଡ଼ିଶାର ସୋନପୁରରୁ ବିଜେପିର ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିଛନ୍ତି। ଦୁଇ ଦିନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି କଟକ ଜିଲ୍ଲା ସାଲେପୁରରୁ ନିର୍ବାଚନୀ ପ୍ରଚାର ଆରମ୍ଭ ପାଇଁ ଆସୁଥିବାର କାର୍ଯ୍ୟକ୍ରମ ରହିଛି। ଆଗକୁ ଉଭୟ ଜାତୀୟ ରାଜନୈତିକ ଦଳ ଏବଂ ବିଜେଡ଼ିର ଶୀର୍ଷ ନେତାମାନେ ପ୍ରଚାର ମଇଦାନକୁ ଓହ୍ଲାଇ ଭୋଟରଙ୍କ ପାଖରେ ପହଞ୍ଚିବା ପାଇଁ ଅଭିଯାନକୁ ଆହୁରି ତୀବ୍ର କରିବାର ଯୋଜନା ରଖିଛନ୍ତି। ହେଲେ ଯେଉଁମାନେ ଏହି ନିର୍ବାଚନ ଦୌଡରେ ପଛରେ ପଡିଗଲେ ବା ଟିକେଟ ନପାଇ ଲଢେଇରୁ ବଞ୍ଚିତ ହେଲେ ସେମାନଙ୍କ ଦୁଃଖ ବୁଝିବ କିଏ? ରାଜନୈତିକ ଦଳ ଗୁଡିକର ସଭାପତି ନା ଆଉ କିଏ? ଗଣତାନ୍ତ୍ରିକ ପଦ୍ଧତିରେ ଭାରତ ବର୍ଷରେ ପ୍ରତି ପାଞ୍ଚ ବର୍ଷରେ ଥରେ ଅନୁଷ୍ଠିତ ହୋଇଥିବା ଏହି ମହାନ ଜାତୀୟ ପର୍ବରେ ମତଦାତାମାନେ ହେଉଛନ୍ତି ପ୍ରକୃତ ମାଲିକ ଈଶ୍ୱର। ଏକଥାକୁ ସବୁ ରାଜନୈତିକ ଦଳର ନେତାମାନେ ଭଲ ଭାବେ ବୁଝି ସାରିଛନ୍ତି। ସେଇଥି ପାଇଁ ତ ଏବେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସବୁ ଦଳର ନେତା ଭୋଟର ମୁହାଁ ହୋଇଛନ୍ତି। ଏବେ ସମୟ ଆସିଛି ମତଦାତାମାନେ ସେମାନଙ୍କ ମତଦାନ ସାବ୍ୟସ୍ତ କଲାବେଳେ ଉପଯୁକ୍ତ ପ୍ରାର୍ଥୀଙ୍କୁ ସେମାନଙ୍କର ପ୍ରତିନିଧି ଭାବେ ବାଛିବେ। ଭାରତର ନିର୍ବାଚନ କମିଶନଙ୍କ ଏହି ସ୍ଲୋଗାନ ଏବେ ସାରା ଦେଶରେ ପ୍ରଚାରିତ ହେଉଛି। ହେଲେ ଦଳ ପାଇଁ ନେତାଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାମ କରି ଟିକେଟ ପାଇବାରୁ ବଞ୍ଚିତ ହୋଇଥିବା ନେତାଙ୍କ କଥା ଭାବିବ କିଏ ଏବଂ ସେମାନଙ୍କ ଦୁଃଖ ଶୁଣିବ କିଏ? ମତଦାତାମାନେ ନୂଆ ପ୍ରାର୍ଥୀ ବାଛିବା ବେଳେ ସେମାନେ ଉପଯୁକ୍ତ କି ନୁହଁନ୍ତି ତାହାର ସଠିକ ନିର୍ଣ୍ଣୟ କରିବାର ସମୟ ଆସିଛି ବୋଲି ଆଲୋଚନା ହେଉଛି।

# ପୂର୍ବତଟ ରେଳପଥ ପକ୍ଷରୁ ଆହୁରି ପାଞ୍ଚ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମଋତୁ ସମୟରେ ଯାତ୍ରୀ ଭିଡକୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଗନ୍ତବ୍ୟସ୍ଥଳ ତଥା ବିଭିନ୍ନ ମାର୍ଗରେ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖିବା ସହିତ ନିୟମିତ ଟ୍ରେନରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ପୂର୍ବ ତଟ ରେଳ ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି।

ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ହେଲା ପୁରୀ-ଉଧନା (ସୁରଟ) ଦ୍ୱି-ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ନୂଆଦିଲ୍ଲୀ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ପୁରୀ-ନୂଆଦିଲ୍ଲୀ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ସମ୍ବଲପୁର-ଏରୋଡ୍ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟନମ୍-ବେଙ୍ଗାଲୁରୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍, ବିଶାଖାପାଟନମ୍-ଚେନ୍ନାଇ ଏଗମୋର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଏବଂ ବିଶାଖାପାଟନମ୍-ହଟିଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍। ପୂର୍ବତଟ ରେଳପଥ ଗ୍ରୀଷ୍ମ ଋତୁ ସମୟରେ ଯାତ୍ରୀ ଭିଡକୁ ଏଡ଼ାଇବାପାଇଁ ପୂର୍ବରୁ ୨୨ ଯୋଡ଼ା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ପୁରୀ, ଭୁବନେଶ୍ୱର, ବିଶାଖାପାଟନମ୍, ସମ୍ବଲପୁର, କଟକ ଏବଂ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରୁ ଉତ୍ପନ୍ନ ହୋଇ ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ ପାଇଁ ଯୋଜନା ରହିଛି।

ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ପାଟନା, ନିଜାମୁଦ୍ଦିନ, ଶାଲୀମାର, ଭଞ୍ଜପୁର ଏବଂ ସାନ୍ତ୍ରାଗଛି ଅଭିମୁଖେ ଯାତ୍ରା କରିବାକୁ ଯୋଜନା ରହିଥିବାବେଳେ ଭୁବନେଶ୍ୱରରୁ ଯଶୋବନ୍ତପୁର, ଧାନବାଦ୍ ଏବଂ ଚେନ୍ନାଇ ଆଡକୁ; ସମ୍ବଲପୁରରୁ ଗୌହାଟୀ, ଏରୋଡ ଏବଂ ପୁଣେ ଆଡକୁ; କଟକରୁ ହାଇଦ୍ରାବାଦ ଆଡକୁ; ବ୍ରହ୍ମପୁରରୁ ସୁରଟ ଏବଂ ବିଶାଖାପାଟନମରୁ ବେଙ୍ଗାଲୁରୁ, କୋଲାମ, ତିରୁପତି, ସିକନ୍ଦରାବାଦ ଏବଂ କୁର୍ନୁଲ ଆଡକୁ ଯାତ୍ରା କରିବାର ସୂଚନା ପୂର୍ବରୁ ପ୍ରକାଶ କରାଯାଇଅଛି। ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ନିୟମିତ ଟ୍ରେନରେ ମାତ୍ରାଧିକ ଭିଡ଼ ଏଡ଼ାଇବା ପାଇଁ ଏବଂ ବିଭିନ୍ନ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମାନଙ୍କରେ ଟ୍ରେନ୍ ଟିକେଟ ବୁକ୍ କରିବାକୁ ଅନୁରୋଧ କରିଥିଲା। ଏହା ବ୍ୟତୀତ, ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ରେଳ ଷ୍ଟେସନ ମାନଙ୍କରେ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରାଇଥିବାବେଳେ ସମସ୍ତ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ମଧ୍ୟ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରିଛି। ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ ମାନଙ୍କରେ ଯାତ୍ରୀମାନଙ୍କ ପ୍ରବେଶ ପାଇଁ ଧାଡି ସୁନିଶ୍ଚିତ କରିବା ପାଇଁ ପ୍ରାରମ୍ଭିକ ଷ୍ଟେସନରେ ଆରପିଏଫ୍ କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇଛି। ଉପରୋକ୍ତ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ, ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରୁଛି। ଏହି ଟ୍ରେନ ଗୁଡିକ ହେଉଛି ପ ସିକନ୍ଦରାବାଦ-ଡିବ୍ରୁଗଡ-ସିକନ୍ଦରାବାଦ ସ୍ପେଶାଲ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ ସ୍ପେଶାଲ, ଚେନ୍ନାଇ-ସାନ୍ତ୍ରାଗଛି-ଚେନ୍ନାଇ ସ୍ପେସିଆଲ, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ ସ୍ପେସିଆଲ, କୋଚୁଭେଲି-ଶାଲିମାର-କୋଚୁଭେଲି ସ୍ପେଶାଲ, ବେଙ୍ଗାଲୁରୁ-ଖଡ଼ଗପୁର-ବେଙ୍ଗାଲୁରୁ ସ୍ପେସିଆଲ, ସାନ୍ତ୍ରାଗଛି-ସିକନ୍ଦରାବାଦ-ସାନ୍ତ୍ରାଗଛି ସ୍ପେସିଆଲ, ସିକନ୍ଦରାବାଦ-ଶାଲିମର-ସିକନ୍ଦରାବାଦ ସ୍ପେଶାଲ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ ସ୍ପେଶାଲ, ମହୀଶୂର-ମୁଜାଫରପୁର-ମହୀଶୂର ସ୍ପେଶାଲ, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନସୁକିଆ ସ୍ପେଶାଲ ଏବଂ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 04-SBP-TRD-OT-2024-25
ତା.17.04.2024ରିଖ

**କାର୍ଯ୍ୟର ନାମ :** 2 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଲପଙ୍ଗା ସ୍ଥିତ ମେସର୍ସ BPSL, ବରଗଡ଼ ରୋଡ଼ ସ୍ଥିତ ମେସର୍ସ ACC, ବୃନ୍ଦାମାଳ ସ୍ଥିତ ମେସର୍ସ ବେଦାନ୍ତ ଏବଂ ଲାଞ୍ଜିଗଡ଼ ସ୍ଥିତ ମେସର୍ସ ବେଦାନ୍ତ ର ଘରୋଇ ସାଇଡ଼ିଙ୍ଗ୍ ଗୁଡ଼ିକରେ ରକ୍ଷଣା ବେକ୍ଷଣ ଏବଂ ବ୍ରେକ୍‌ଡାଉନ୍ (Breakdown) ନିମନ୍ତେ ଟ୍ରକ୍ ଭଡ଼ା ସୂତ୍ରରେ ନେବା ତଥା କିଛି ଅତ୍ୟାବଶ୍ୟକ ଏବଂ ଜରୁରୀ କାଳୀନ କାର୍ଯ୍ୟ ସହିତ TRD ପରିସମ୍ପତ୍ତିର ରକ୍ଷଣା ବେକ୍ଷଣ କାର୍ଯ୍ୟକଳାପ।

**ଆନୁମାନିକ ମୂଲ୍ୟ :** ₹ 1,09,64,942.97, **EMD :** ₹2,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.05.2024ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-50/P/24-25

# ପୁରୀ ଜିଲ୍ଲାରେ ୨ ପର୍ଯ୍ୟାୟରେ ଭୋଟ

**ପୁରୀ ୨୫/୪ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲାର ୨ଟି ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ୧୭ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬ଷ୍ଠ ପର୍ଯ୍ୟାୟରେ ମଇ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୧୬ ଜଗତସିଂହପୁର ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୧୦୬ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖ ୭ମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ୬ଷ୍ଠ ପର୍ଯ୍ୟାୟ ମଇ ୨୫ ତାରିଖ ନିର୍ବାଚନ ପାଇଁ ଅପ୍ରେଲ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ସହ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ମଇ ୬ ତାରିଖ ରଖାଯାଇ ଥିବା ବେଳେ ମଇ ୭ ତାରିଖରେ ପ୍ରାର୍ଥୀ ପତ୍ର ଗୁଡିକୁ ଯାଞ୍ଚ କରାଯିବ। ମଇ ୯ ତାରିଖକୁ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ସେହିପରି ୭ମ ପର୍ଯ୍ୟାୟ ଜୁନ ୧ ତାରିଖ ନିର୍ବାଚନ ପାଇଁ ମଇ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ସହ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ମଇ ୧୪ ତାରିଖ ରଖାଯାଇ ଥିବା ବେଳେ ମଇ ୧୫ ତାରିଖରେ ପ୍ରାର୍ଥୀ ପତ୍ର ଗୁଡିକୁ ଯାଞ୍ଚ କରାଯିବ। ମଇ ୧୭ ତାରିଖକୁ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ଜୁନ ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ରିଟର୍ଣ୍ଣିଂ ଅଫିସର ଥିବା ବେଳେ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ ଗୋପୀନାଥ କଅଁର, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝି ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱରେ ରହିଛନ୍ତି।

